visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.266 Bhubaneswar Sunday December 11 2022 | ୨୫ତମ ବର୍ଷ ସଂଖ୍ୟା-୨୬୬ ଭୁବନେଶ୍ୱର, ରବିବାର, ଡିସେମ୍ବର ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଭୋଟ ଟ୍ରାନ୍ସଫର ପାଇଁ କଂଗ୍ରେସର ପ୍ରତିଶ୍ରୁତି ପରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଯାଇଥିଲେ



ଭୁବନେଶ୍ୱର ,୧୦।୧୨(ପି.ଏନ): ପଦ୍ମପୁରରେ ଜିତିବା ପାଇଁ ହୋଇଥିଲା ଡିଲ୍। ଭୁବନେଶ୍ୱରରେ ଏହି ଡିଲ୍? କରାଯାଇଥିଲା। ଆଉ ଡିଲ୍? କରିଥିଲା ବିଜେଡି। ସମ୍ପୂର୍ଣ୍ଣ ଭୋଟ ବିଜେଡିକୁ ଟ୍ରାନ୍ସଫର ପାଇଁ କଂଗ୍ରେସ ନେତୃତ୍ୱଙ୍କ ପ୍ରତିଶ୍ରୁତି ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ପାଇଁ ପଦ୍ମପୁର ଯାଇଥିଲେ। ଆଜି ଏପରି ବିସ୍ଫୋରକ ବୟାନ୍ ଦେଇଛନ୍ତି ବିଧାନସଭା ବିରୋଧି ଦଳ ନେତା ଜୟନାରାୟଣ ମିଶ୍ର।ବିଜେଡିର ୧୨୫ ମିଶନକୁ ନେଇ ଜୟନାରାୟଣ ମିଶ୍ର କହିଛନ୍ତି, ଗୋଟିଏ ରାଜନୈତିକ ଦଳ ହିସାବରେ ସେମାନେ ବିଶନ୍? ରଖିବା କଥା। ଆମେ ମଧ୍ୟ ମିଶନ ରଖିଛୁ। ୨୦୨୪ ମସିହା ସାଧାରଣ ନିର୍ବାଚନରେ ଆମେ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରସ୍ତୁତ ହେଉଛୁ। ଜନତା ଆମକୁ ଯେତେ ଦେବେ। ମୁଁ ଭବିଷ୍ୟତ ବକ୍ତା ନୁହେଁ, କେତେ ମିଳିବ କହିବି? ତଥାପି ଏକ ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରେ ସରକାର ଗ?ିବୁ ବୋଲି ଜୟନାରାୟଣ କହିଛନ୍ତି।ପଶ୍ଚିମ ଓଡିଶାରେ ୩୬ରୁ ୩୦ ଆସନକୁ ଜିତିବାକୁ ବିଜେଡି ଟାର୍ଗେଟ ରଖିବାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଜୟନାରାୟଣ କହିଛନ୍ତି, କହିବା ପାଇଁ କାହାକୁ ମନା ଅଛି କି? ଆମେ ୧୪୭କୁ ୧୪୭ ଜିତିବୁ ବୋଲି କହିଲେ, କିଏ ମନା କରିବ କି? କହିବାକୁ କାହାକୁ ବାଧା ଲାଗୁନି କି ପଇସା ଦେବାକୁ ପଡୁ ନାହିଁ। ତେଣୁ ସେମାନେ କହିବେ। କିନ୍ତୁ ୨୦୨୪ ବେଳକୁ ସେମାନଙ୍କର କ'ଣ ପରିସ୍ଥିତି ହେବ, ତାହା ସେମାନେ ଦେଖିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।ସେ ଆହୁରି କହିଛନ୍ତି, ପଦ୍ମପୁରରେ ସେମାନେ ଜିତିଲେ। ଏଥିପାଇଁ ସେମାନଙ୍କୁ କ'ଣ କ'ଣ ଉପାୟ ଅବଲମ୍ବନ କରିବାକୁ ପଡିଲା, ତାହା ସେମାନେ କ'ଣ ଜାଣିନାହାନ୍ତି। କ'ଣ ସେମାନେ କଲେ ଯେ ଭୋଟ ପାଇଗଲେ? ଯେଉଁଥିପାଇଁ ଅଦୃଶ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ମିଳିଲା। ଯିଏ ଅନ୍ଧକାର କୋଠରୀ ଭିତରେ ବନ୍ଦ ହୋଇଥାଆନ୍ତି, ତାଙ୍କୁ ବାହାରକୁ ବାହାରିବା ପାଇଁ ପଡିଲା। ଏକଥା କଣ ସେମାନେ ଜାଣିନାହାନ୍ତି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ଜୟନାରାୟଣଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି, ବିଜେପିର ପରାଜୟ ପରେ ବିରୋଧୀଦଳ ନେତା ଏଭଳି କହିବା ସ୍ୱାଭାବିକ। ତେବେ ବିଜେଡି ସହ କଂଗ୍ରେସ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ପିସିସି ସଭାପତି ଫଳାଫଳର ସମୀକ୍ଷା କରିବା ଦରକାର ବୋଲି କହିଛନ୍ତି ତାରା।ତେବେ ଜୟନାରାୟଣଙ୍କ ଅଭିଯୋଗ ନେଇ ବିଜେଡିର ପ୍ରତିକ୍ରିୟା ମିଳିପାରି ନାହିଁ।

## ସୋମବାର ଶପଥ ଗ୍ରହଣ କରିବେ ପଦ୍ମପୁରର ନବନିର୍ବାଚିତ ବିଧାୟକ ବର୍ଷା ସିଂ ବରିହା

ଭୁବନେଶ୍ୱର, ୧୦।୧୨(ପି.ଏନ): ପଦ୍ମପୁରର ନବନିର୍ବାଚିତ ବିଧାୟକ ବର୍ଷା ସିଂ ବରିହା ସୋମବାର ଶପଥ ଗ୍ରହଣ କରିବେ । ସେ ଆଜି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟିବା ପରେ ଏହି ସୂଚନା ମିଳିଛି । ବିଧାନସଭା ନିର୍ଚ୍ଚାବନରେ ବିଜୟୀ ହେବା ପରେ ବର୍ଷା ଆଜି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟିଥିଲେ । ଏହା ପୂର୍ବରୁ ସେ ଶୁକ୍ରବାର ଦିନ ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଦଳର ବରିଷ୍ଠ ନେତା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, କଳିକେଶ ସିଂହଦେଓ, ପ୍ରଭାସ କୁମାର ସିଂ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ମନ୍ତ୍ରୀ ଟୁକୁନି ସାହୁ, ରୀତା ସାହୁ, ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖଙ୍କ ସହିତ ଯାଇ ବର୍ଷା ନବୀନଙ୍କ ଆଶୀର୍ବାଦ ନେଇଥିଲେ।

## ଭୁବନେଶ୍ୱରବାସୀଙ୍କ ସମସ୍ୟା ଶୁଣିଲେ ସାଂସଦ ଅପରାଜିତା ଷଡଙ୍ଗୀ




ଭୁବନେଶ୍ୱର,୧୦।୧୨(ପି.ଏନ): ଭୁବନେଶ୍ୱରବାସୀଙ୍କ ସହ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଇଣ୍ଟରଫେସ୍? ହୋଇଛି। ଆଜି ନିଜ ସଂସଦୀୟ କ୍ଷେତ୍ରର ଭୋଟରଙ୍କ ସହିତ ଆଲୋଚନା କରି ସମସ୍ୟା ଶୁଣିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ୪୨ଟି ପ୍ରୋଜେକ୍ଟ ପାଇଁ ଏହି ବୈଠକରେ ଭୁବନେଶ୍ୱର ବାସିନ୍ଦା ପ୍ରସ୍ତାବ ଦେଇଛନ୍ତି। ଖୁବ୍ ଶୀଘ୍ର ଏହି ପ୍ରସ୍ତାବ ଗୁଡ଼ିକ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ।ବିଭିନ୍ନ ସମୟରେ ଲୋକଙ୍କ ସହ ଆଲୋଚନା କରି ମତାମତ ନେଉଛନ୍ତି। ସମସ୍ୟା ସମାଧାନ ସହିତ ଲୋକଙ୍କ ଆବଶ୍ୟକତା ବୁଝିଛନ୍ତି। କେମିତି ସରକାରଙ୍କ ପାଖରେ ସମସ୍ୟାକୁ ନଜରକୁ ଅଣାଯିବ, ତାହା ଏହି ଇଣ୍ଟରଫେସର ଲକ୍ଷ୍ୟ ବୋଲି ଅପରାଜିତା କହିଛନ୍ତି।ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଆଜି ଦ୍ୱିତୀୟ ସିଟିଜେନ୍? ଇଣ୍ଟରଫେସ ହୋଇଛି। ଏଥିରେ ଏକାମ୍ର ବିଧାନସଭା ଅଞ୍ଚଳ ଓ ମଧ୍ୟ ଭୁବନେଶ୍ୱର ଅଞ୍ଚଳର ସମସ୍ତ ରେସିଡେଣ୍ଟ ୱେଲ୍?ଫେୟାର ଆସୋସିଏସନ୍?ର କର୍ମକର୍ତ୍ତାଗଣ ଅଂଶ ଗ୍ରହଣ କରିଥିଲେ। ଆଜି ବହୁତ ଭଲ ଭଲ ୪୨ଟି ପ୍ରସ୍ତାବ ପାଇଛି। ଭୁବନେଶ୍ୱର ଓ ଓଡିଶା ରାଜ୍ୟ ପାଇଁ ପାଇଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।

## କୋଣାର୍କରେ ଟିକେଟ ସ୍କାମ୍: ହଟିଲେ ଏଏସଆଇ ଓଡିଶା ମୁଖ୍ୟ

ଭୁବନେଶ୍ୱର,୧୦।୧୨(ପି.ଏନ): ଓଡିଶା ରିପୋର୍ଟର ଖବର ପ୍ରସାରଣର ପ୍ରଭାବ। କୋଣାର୍କ ଓ ଖଣ୍ଡଗିରି-ଉଦୟଗିରିରୁ ମାସିକ ପ୍ରାୟ ୫୦ ଲକ୍ଷ ଟଙ୍କାର ଟିକେଟ ଅର୍ଥ ହରିଲୁଟ ହେଉଥିବା ନେଇ ଅକ୍ଟୋବର ୨୧ ତାରିଖରେ ଖବର ପ୍ରସାରଣ ପରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭୁବନେଶ୍ୱର ଏଏସଆଇ ବା ଆର୍କିଓଲୋଜିକାଲ ସର୍ଭେ? ଅଫ୍ ଇଣ୍ଡିଆ ଭୁବନେଶ୍ୱର ସର୍କଲ ମୁଖ୍ୟ-ସୁପରିଟେଣ୍ଡେଣ୍ଟ୍ ଆର୍କିଓଲୋଜିଷ୍ଟ ବା ଅଧୀକ୍ଷଣ ପୁରାତତ୍ୱବିତ୍- ଅରୁଣ କୁମାର ମଲ୍ଲିକଙ୍କୁ ଏଏସଆଇର ଦିଲ୍ଲୀ ମୁଖ୍ୟାଳୟକୁ ବଦଳି କରାଯାଇଛି। ଓଡିଶାରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସହ ୮୦ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ନେଇଛି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ)ର। କୋଣାର୍କ ମନ୍ଦିର ଓ ଖଣ୍ଡଗିରି-ଉଦୟଗିରି ସମେତ ରାଜ୍ୟର କିଛି ଜାତୀୟ କୀର୍ତ୍ତିରାଜିରେ ପର୍ଯ୍ୟଟକଙ୍କଠାରୁ ପ୍ରତିଦିନ ଟିକେଟ ଜରିଆରେ ଫି ଆଦାୟ କରିଥାଏ ଏଏସଆଇ। କୋଣାର୍କ ମନ୍ଦିରକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କଠାରୁ ଏଏସଆଇର କୋଣାର୍କ ସବ-ସର୍କଲ କର୍ମଚାରୀମାନେ ନିୟମିତ ଟିକେଟ ଜରିଆରେ ଅର୍ଥ ଆଦାୟ କରିଥାନ୍ତି। ଚଳିତ ବର୍ଷ ଜୁଲାଇ ୨୧ ତାରିଖରେ ସ୍ୱତନ୍ତ୍ର ଦଳର ଯାଂଚ୍ ପରେ ଆକସ୍ମିକ ଭାବେ ପର୍ଯ୍ୟଟକଙ୍କ ସଂଖ୍ୟା ଓ ଟିକେଟରୁ ମିଳୁଥିବା ଟଙ୍କାର ପରିମାଣ ୪ ଗୁଣରୁ ଅଧିକ ବଢ଼ିଯାଇଥିବା ଦେଖାଯାଇଥିଲା। ପର୍ଯ୍ୟଟକଙ୍କ ଋତୁ କୁହାଯାଉଥିବା ଶୀତୁଆ ଜାନୁଆରୀ ମାସରେ କୋଣାର୍କକୁ ମାତ୍ର ୪୧ ହଜାର ପର୍ଯ୍ୟଟକ ଆସିଥିବା ଦର୍ଶଯାଇଥିବା ବେଳେ ସେପଟେମ୍ବର ମାସରେ ଏହା ୧ ଲକ୍ଷ ୭୯ ହଜାରରେ ପହଁଚିଯାଇଥିଲା। ଆମେ ସୂଚନା ଅଧିକାର ଆଇନ ପ୍ରୟୋଗ କଲା ପରେ ଏହି ସତ୍ୟ ପଦାକୁ ଆସିଥିଲା। କୋଣାର୍କରେ ଭାରତୀୟ ପର୍ଯ୍ୟଟକଙ୍କଠାରୁ ମୁଣ୍ଡ ପିଛା ୪୦ ଟଙ୍କା ଓ କେତେକ ବିଦେଶୀ ପର୍ଯ୍ୟଟକଙ୍କଠାରୁ ମୁଣ୍ଡ ପିଛା ୬୦୦ ଟଙ୍କା ଯାଇଥାଏ। ଜାନୁଆରୀ ମାସରେ ଟିକେଟରୁ ଅର୍ଥ ସଂଗ୍ରହ ପରିମାଣ ମାତ୍ର ୧୬ ଲକ୍ଷ ୭୧ ହଜାର ଟଙ୍କା ହୋଇଥିବାବେଳ, ସେପଟେମ୍ବର ମାସରେ ଏହି ଅର୍ଥ ସଂଗ୍ରହ ପରିମାଣ ୭୨ ଲକ୍ଷ ୨୭ ହଜାରରେ ପହଁଚିଯାଇଥିଲା। ଯାହାକି ୪ଗୁଣରୁ ଅଧିକ। ଟିକେଟକୁ ରିସାଇକେଲ କରି ପର୍ଯ୍ୟଟକଙ୍କ ସଂଖ୍ୟାକୁ ଜାଣିଶୁଣି କମାଯାଉଥିଲା, ଆଉ ଏହି ବାଟେ ମାସକୁ ପ୍ରାୟ ୫୦ ଲକ୍ଷ ଟଙ୍କା ହରିଲୁଟ ହେଉଥିଲା ବୋଲି ଆଶଙ୍କା କରାଯାଉଛି।ସେହିଭଳି ଜାନୁଆରୀର ଶୀତୁଆ ମାସରେ ଖଣ୍ଡଗିରି ଓ ଉଦୟଗିରିକୁ ୮ ହଜାର ୫୮୪ ପର୍ଯ୍ୟଟକ ଆସିଥିବା ବେଳେ ବର୍ଷାପ୍ରବଣ ସେପଟେମ୍ବର ମାସରେ ପର୍ଯ୍ୟଟକ ସଂଖ୍ୟା ୨୫ ହଜାର ୬୧୭କୁ ବ?ିଯାଇଥିଲା। ଆଉ ସେହିଭଳି ଟିକେଟରୁ ସଂଗ୍ରହ ଅର୍ଥ ପରିମାଣ ମଧ୍ୟ ୨.୧୮ ଲକ୍ଷରୁ ୬.୪୩ ଲକ୍ଷକୁ ବ?ିଯାଇଥିଲା- ଯାହାକି ପ୍ରାୟ ତିନି ଗୁଣ ହେବ। ଏଭଳି କାରବାର ପଛରେ ଏକ ବଡ ରାକେଟ ରହିଥିବା ସନ୍ଦେହ ସୃଷ୍ଟି ହୋଇଥିଲା।

## ଓଡିଶା ସୀମାରେ ଝାଡଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାରେ ମାଓବାଦୀଙ୍କ ଆଇଡି ବ୍ଲାଷ୍ଟରେ ଜଣେ ଜବାନ ଆହତ

ରାଂଚି /ଭୁବନେଶ୍ୱର, ୧୦।୧୨(ପି.ଏନ):ଓଡିଶା ସୀମାରେ ଝାଡଖଣ୍ଡର ପଶ୍ଚିମ ସିଂହଭୂମ (ଚାଇବାସା) ଜିଲ୍ଲାର ଟୋଂଟୋ ଥାନା କ୍ଷେତ୍ର ଅଂଚଳର ରେଙ୍ଗଡାରେ ନକ୍ସଲବାଦୀ ମାନଙ୍କ ବିରୁଦ୍ଧରେ ସର୍ଚ୍ଚ ଅପରେସନ ସମୟରେ ଜଣେ ଜବାନ ଆହତ ହୋଇଛନ୍ତି । କୋବରା ବାଟାଲିୟନର ଏହି ଜବାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ରାଂଚି ଅଣାଯାଇଛି । ରାଂଚିର ଖେଲଗାଁଓରେ ତିଆରି ହୋଇଥିବା ହେଲିପ୍ୟାଡରେ ଓହ୍ଲାଇବା ପରେ ତାଙ୍କୁ ମେଡିକା ହସପିଟାଲରେ ଭର୍ତି କରାଯାଇଛି । ତାଙ୍କର ଚିକିତ୍ସା ସେଠାରେ ଆରମ୍ଭ ହୋଇଛି ।

## ନନ୍ଦନକାନନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୦।୧୨(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ନନ୍ଦନକାନନ ଗସ୍ତ କରି ସେଠାରେ ଯାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପର୍ଯ୍ୟଟକ ମାନଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନତି ମୂଳକ କାର୍ଯକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀ ମାନଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ପ୍ରଥମେ ଚୁଡଙ୍ଗ ସଂରକ୍ଷିତ ଓ କୃଷ୍ଣନଗର ପ୍ରସ୍ତାବିତ ଜଙ୍ଗଲ ଅଂଚଳ ବୁଲି ଦେଖିଛନ୍ତି। ଉଭୟ ଜଙ୍ଗଲର ୬୦୪ ହେକ୍ଟର ଜମିରେ ନନ୍ଦନକାନନର ସଂପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଅଂଚଳରେ ବାଘ,ସିଂହ, ଭାଲୁ ଓ ତୃଣଭୋଜୀ ଜୀବଜନ୍ତୁ ମାନଙ୍କ ପାଇଁ ସଫାରି ନିର୍ମାଣ ହେବ। ସଫାରି ମଧ୍ୟରେ ପର୍ଯ୍ୟଟକ ମାନଙ୍କ ବୁଲିବା ବ୍ୟବସ୍ଥା, ପ୍ରାଣୀ ଚିକିତ୍ସାକେନ୍ଦ୍ର ମଧ୍ୟ ରହିବ। ଏହି ସଂକ୍ରାନ୍ତୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ପରେ ବଟାନିକାଲ ଗାର୍ଡେନ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ରୋପୱେକୁ ଆସନ୍ତା ଏକମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ପର୍ଯ୍ୟଟନ ଋତୁରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ନନ୍ଦନକାନନ ଆସିବା ଆଶା କରାଯାଉଥିବାରୁ ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ରୋପୱେରେ ଦୈନିକ ପ୍ରାୟ ୩ ହଜାର ପର୍ଯ୍ୟଟକ ଯିବା ଆସିବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟକ ମାନେ ବଟାନିକାଲ ଓ ଜୁଲୋଜିକାଲ ଉଦ୍ୟାନ ମଧ୍ୟରେ ସିଧାସଳଖ ଭାବେ ଯିବା ଆସିବା କରିପାରିବେ। ସେହିଭଳି ୯ କୋଟି ଟଙ୍କା ବିନିମୟରେ ବଟାନିକାଲ ଗାର୍ଡେନ ମଧ୍ୟସ୍ଥ କିଆକଣି ହ୍ରଦର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ହ୍ରଦରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯିବ । ବଟାନିକାଲ ଗାର୍ଡେନ ସମ୍ମୁଖ ଗେଟ ନିର୍ମାଣ, ସଂଲଗ୍ନ ରାସ୍ତା, ଶୌଚାଳୟ, ପାଦଚଲା ରାସ୍ତା ନିର୍ମାଣ ସଂପର୍କରେ ଅବଗତ ହେବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାଣୀ ଉଦ୍ୟାନରେ ଥିବା ଟୟଟ୍ରେନ, ପ୍ରସ୍ଥାନ ସ୍ଥାନର ନିର୍ମାଣ କାର୍ଯ୍ୟ, ପର୍ଯ୍ୟଟନ ସହାୟତା କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ। ବହୁତଳ ଓ ବସ ପାର୍କିଂ ବ୍ୟବସ୍ଥାର ମଧ୍ୟ ଯାଂଚ କରିଥିଲେ। ନନ୍ଦନକାନନର ଆଧୁନିକିକରଣ ନିମନ୍ତେ ଖୁବଶୀଘ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକଙ୍କୁ ସେ ପରାମର୍ଶ ଦେଇଛନ୍ତି।

## ଡାକ୍ତରଖାନା ବର୍ହି ବିଭାଗରେ ଡାକ୍ତର ଅଭାବ, ଘଂଟା ଘଂଟା ଧରି ଅପେକ୍ଷାରେ ରୋଗୀ

କେନ୍ଦ୍ରାପଡା, ୧୦।୧୨(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ପାଇଁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ହି ବିଭାଗରେ ବିଭିନ୍ନ ରୋଗ ନିରୂପଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପାଖରେ ଭିଡ ଜମୁଥିବା ବେଳେ ଦିନ ୧୨ଟା ପରେ ମଧ୍ୟ ରୋଗୀ ମାନେ ଡାକ୍ତରଙ୍କୁ ଦେଖାଇବା ପାଇଁ ଅପେକ୍ଷାରେ ରହୁଥିବା ଦେଖିବାକୁ ମିଳୁଛି । ବର୍ହି ବିଭାଗରେ ଜଣେ ମାତ୍ର ଡାକ୍ତର ଦିନ ୧୨ଟା ପରେ ରହୁଥିବାରୁ ଶହ ଶହ ରୋଗୀ ଧାଡିବାନ୍ଧି ଅପେକ୍ଷାରେ ରହୁଛନ୍ତି । ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଜିଲ୍ଲାର ୯ଟି ବ୍ଲକ ସମେତ ବାଲିଚନ୍ଦ୍ରପୁର, ଚାରିଲଙ୍ଗଳ, ଫଂଚୁପାଣ୍ଡବ, କୁଜଙ୍ଗ ପ୍ରଭୃତି ଅଂଚଳରୁ ଗୁରୁତର ରୋଗୀ ମାନେ କେନ୍ଦ୍ରାପଡା ଡାକ୍ତରଖାନାକୁ ଆସୁଛନ୍ତି । ଦିନ ୧୨ଟା ପରେ ବର୍ହି ବିଭାଗ ପାଇଁ ଅଧିକ ସଂଖ୍ୟକ ଡାକ୍ତରଙ୍କୁ ଦାୟିତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

## ପଦ୍ମପୁର ଉପନିର୍ବାଚନ ଫଳାଫଳର ସମୀକ୍ଷା କରିବ କଂଗ୍ରେସ

ଭୁବନେଶ୍ୱର, ୧୦।୧୨(ପି.ଏନ): ଗତ ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ନିଜର ସମସ୍ତ ଶକ୍ତି ଲଗାଇ ଲଢ଼ିଥିଲା। ପଦ୍ମପୁରବାସୀଙ୍କ ରାୟକୁ କଂଗ୍ରେସ ବିନମ୍ରତା ସହିତ ଗ୍ରହଣ କରିଛି। ୨୦୧୯ ମସିହା ଠାରୁ ଯେତେଗୁଡ଼ିଏ ଉପନିର୍ବାଚନ ହୋଇଛି ତିର୍ତୋଲ ଏବଂ ବ୍ରଜରାଜନଗରକୁ ଛାଡ଼ି ଅନ୍ୟ କୌଣସି ଉପନିର୍ବାଚନର ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି ବୋଲି ପ୍ରଦେଶ କଂଗ୍ରେସ ସଭାପତି ସ୍ୱୀକାର କରିଛନ୍ତି। କଂଗ୍ରେସ ଏକ ବିଶାଳ ଦଳ ବହୁ ଘାତ ପ୍ରତିଘାତ ଏବଂ ଉପର ତଳ ଦେଇ ଗତିକରିଛି। କିନ୍ତୁ କଂଗ୍ରେସ ଦଳ ଏବଂ କଂଗ୍ରେସ ଦଳର କର୍ମୀ, ନେତୃବୃନ୍ଦମାନେ ଏଥିପ୍ରତି ଆଦୌ ଭୟଭିତ ନୁହଁନ୍ତି ବା ବିଶ୍ୱାସ ହରାଇନାହାନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ ଭବନରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ଗଣମାଧ୍ୟମକୁ କହିଛନ୍ତି। ଆସନ୍ତା ଦିନରେ କଂଗ୍ରେସ ସମସ୍ତ ନେତୃବର୍ଗଙ୍କୁ ଏକଜୁଟ କରି ଓ ମତାମତ ନେଇ ୨୦୨୪ ସାଧାରଣ ନିର୍ବାଚନକୁ ଓହ୍ଲାଇବ ତତ୍‌ସହିତ ପ୍ରଦେଶ କଂଗ୍ରେସ ସଭାପତି ଯେଉଁ ୯ରୁ ୯୦ ଡାକରା ଦେଇଛନ୍ତି ତାହାକୁ ସାକାର କରିବାପାଇଁ ସମସ୍ତ ନେତୃବର୍ଗ ପ୍ରତ୍ୟେକ ସ୍ତରରେ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ଓଡ଼ିଶାର ଜନତାରଙ୍କର ବିଶ୍ୱାସଭାଜନ ହେବେ। ଶ୍ରୀ ଦାସ ଅତ୍ୟନ୍ତ କ୍ଷୋଭର ସହିତ କହିଲେ ଯେଉଁମାନେ କଂଗ୍ରେସ ଭୋଟବିକ୍ରି କଥା କହୁଛନ୍ତି ସେମାନେ ବାସ୍ତବରେ କଂଗ୍ରେସ ଦଳର ଜିନ ସହିତ ପରିଚିତ ନୁହଁନ୍ତି। କଂଗ୍ରେସ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିଶ୍ୱାସ କରେ। କଂଗ୍ରେସ ଦଳ ମୁଲଚାଲ କୁ ବିଶ୍ୱାସ କରେ ନାହିଁ। ଯେଉଁମାନେ ଗଣମାଧ୍ୟମରେ ଏକଥା କହୁଛନ୍ତି ସେମାନେ କଂଗ୍ରେସ ଦଳକୁ ଅପଦସ୍ତ କରିବାପାଇଁ ଚାହୁଁଛନ୍ତି। କୌଣସି ଦଳୀୟ ସମସ୍ୟାକୁ ଦଳର ଶୃଙ୍ଖଳା ଭିତରେ ଉତ୍‌ଥାପନ କରାଯିବା ଉଚିତ ଏବଂ ତାହା ଦଳ ଭିତରେ ତାର ଆଲୋଚନା ହେବା ଉଚିତ କିନ୍ତୁ ଦଳ ବାହାରେ ଏକଥାକୁ ଆଲୋଚନା କରାଯିବା ଦ୍ୱାରା କଂଗ୍ରେସ ଦଳକୁ ଭଲ ପାଉଥିବା ଅସଂଖ୍ୟ ଭୋଟର ଭାଇ ଭଉଣୀ, ନେତୃବର୍ଗ, କର୍ମୀଙ୍କୁ ହତୋତ୍ସାହିତ କରାଯାଉଛି। ଶୃଙ୍ଖଳା ଦଳର ପ୍ରଗତିର ପ୍ରଥମ ମାପକାଠି। ଉପନିର୍ବାଚନ ଫଳାଫଳ ସାଧାରଣ ନିର୍ବାଚନ ଉପରେ କୌଣସି ପ୍ରଭାବ ପକାଇ ନଥାଏ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ସାରା ଭାରତ ବର୍ଷରେ ଅତ୍ୟନ୍ତ ସଫଳତାର ସହିତ ଆଗେଇ ଚାଲିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବର୍ଷରେ ଏକ ନୂଆ ରାଜନୈତିକ ସମିକରଣ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଅଛି। ଭାରତ ଯୋଡ଼ ଯାତ୍ରାର ସୁଫଳ ସାରା ଭାରତବର୍ଷର ଭୋଟର ଭାଇଭଉଣୀମାନଙ୍କ ଉପରେ ପ୍ରଭାବ ପକାଉଛି।

## ମିଡିଆରେ ଗର୍ଜୁଥିଲେ, ଇଡି ଆଗରେ ମୁହଁ ଖୋଲୁନାହାନ୍ତି ହନିଟ୍ରାପ୍ କୁଇନ୍ !



ଭୁବନେଶ୍ୱର ,୧୦।୧୧(ପି.ଏନ): ରାଜ୍ୟର ତଦନ୍ତକାରୀ ସଂସ୍ଥା ଉପରୁ ଭରସା ତୁଟାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଗରେ ମୁହଁ ଖୋଲିବାକୁ ବ୍ୟଗ୍ର ଥିଲେ ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗ। ଆଉ ରିମାଣ୍ଡରେ ଯିବା ବେଳେ ଗଣମାଧ୍ୟମରେ ଗର୍ଜିଥିଲେ। କହିଥିଲେ, ମୁଁ ଇଡିକୁ ଅପେକ୍ଷା କରିଥିଲି। ମୁହଁ ଖୋଲିବାକୁ ସୁଯୋଗ ମିଳିବ। କିଏ କିଏ ସବୁ ସଂପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇବି ବୋଲି କହିଥିଲେ ଅର୍ଚ୍ଚନା। ହେଲେ ରିମାଣ୍ଡରେ ଗଲା ପରେ ଇଡି ଆଗରେ ମୁହଁ ଖୋଲୁନାହାନ୍ତି ହନିଟ୍ରାପ୍ କୁଇନ୍। ଗତ ୬ ତାରିଖରେ ଅର୍ଚ୍ଚନାକୁ ରିମାଣ୍ଡରେ ନେଇଥିଲା। ରିମାଣ୍ଡରେ ନେବା ପୂର୍ବରୁ ତାଙ୍କର କରାଯାଇଥିଲା ମେଡିକାଲ୍ ଚେକ୍‌ଅପ୍। କ୍ୟାପିଟାଲ୍ ହସ୍ପିଟାଲରୁ ବାହାରିବା ବେଳେ ଗଣମାଧ୍ୟମ ଆଗରେ ଦେଖିଥିବା ବୟାନ୍‌କୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ରାଜନେତା ଓ ଅଫିସରଙ୍କ ମୁଖା ଖୋଲି ଯିବ ବୋଲି ଆଶା କରାଯାଉଥିଲା। ହେଲେ ଅର୍ଚ୍ଚନା ଆଜି ପର୍ଯ୍ୟନ୍ତ ଇଡି ଆଗରେ ମୁହଁ ଖୋଲୁ ନାହାନ୍ତି ଅର୍ଚ୍ଚନା। ଏପରିକି ଓଡ଼ିଶାକୁ ଦୋହଲାଇ ଦେଲା ଭଳି ରଖିଥିବା ରଢଉଖଟଝଓଠର ତଥ୍ୟ ଦେଉଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ତଦନ୍ତରେ ଆଦୌ ସହଯୋଗ କରୁନାହାନ୍ତି ଅର୍ଚ୍ଚନା। ଫଳରେ ଆର୍ଥିକ ଦିଗରେ ଖୋଳତାଡ଼ କରିବା ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ ଅର୍ଚ୍ଚନା ରିମାଣ୍ଡରେ ଗଲା ପରେ ବି ନା କୌଣସି ପ୍ରଭାବଶାଳୀଙ୍କୁ ଇଡ଼ି ଅଫିସରେ ଦେଖିବାକୁ ମିଳୁଛି ନା ଅନ୍ୟ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରାଯାଇପାରୁଛି। ଅର୍ଥାତ ବଡ଼ ବଡିଆଙ୍କ ତଥ୍ୟ ଲୁଚାଉଛି କି ଅର୍ଚ୍ଚନା ମିଡିଆ ଆଗରେ ଫଁ' ଦେଖାଉଥିବା ଅର୍ଚ୍ଚନା ଇଡ଼ି ଆଗରେ ଆଉ ଗୋଟିଏ କଥା କହୁଛି। ଅର୍ଚ୍ଚନାଙ୍କ ଏଭଳି ଡୁଆଲ୍‌ଗେମ୍‌ର ରହସ୍ୟ କ'ଣ ମିଡିଆରେ ବୟାନ ପରେ ତଥ୍ୟ ନଖୋଲିବାକୁ ଅର୍ଚ୍ଚନା ଉପରେ କୌଣସି ବାହ୍ୟ ଚାପ ପଡୁନି ତ।

## ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠୁ ବିଶ୍ୱସନୀୟ ବ୍ୟକ୍ତି ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୦।୧୨(ପି.ଏନ): ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଠୁ ବିଶ୍ୱସନୀୟ ବ୍ୟକ୍ତି ବୋଲି ଗଣମାଧ୍ୟମର ଏ ସମ୍ପର୍କୀତ ପ୍ରଶ୍ନରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ପଦ୍ମପୁର ଉପନିର୍ବାଚନର ଜନାଦେଶକୁ ସ୍ୱୀକାର କରୁଛୁ। ଯିଏ ଜିତେ, ସ୍ୱାଭାବିକ ଭାବେ ତାଙ୍କ ମନ ଖୁସି ଥାଏ । ସେ ଟିକେ ବଢି ଚଢି କହିବା ସ୍ୱାଭାବିକ । ମାତ୍ର ପଦ୍ମପୁର ଉପନିର୍ବାଚନ ସମ୍ପର୍କରେ ମନ୍ତବ୍ୟ ଦେଇଥିବା ଲୋକମାନେ ଭୁଲିବା ଉଚିତ୍ ନୁହେଁ, ବିଜେପି ଏହି ଉପନିର୍ବାଚନରେ ୭୮ ହଜାର ଭୋଟ୍ ପାଇଛି। ଏହାର ଅର୍ଥ କଣ ଏହି ଭୋଟରେ ମହିଳାମାନେ ବିଜେପିକୁ ଭୋଟ୍ ଦେଇନାହାନ୍ତି? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ମହିଳା ସଶକ୍ତିକରଣର ସବୁଠୁ ବିଶ୍ୱସନୀୟ ବ୍ୟକ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସୌଭାଗ୍ୟ ଯୋଜନାରେ ଘରକୁ ବିଜୁଳି ସଂଯୋଗ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଚୁଲା ପହଂଚାଇବାରେ ନରେନ୍ଦ୍ର ମୋଦି ଦେଶରେ ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ବିଧାନସଭାରେ ସରକାରୀ ଦଳ ତରଫରୁ ବିବୃତି ଆସିଛି, ବିଗତ ୩ ବର୍ଷରେ ମହିଳା ମାନଙ୍କ ଉପରେ ଅତ୍ୟାଚାରର ସଂଖ୍ୟା ବଢ଼ିଛି। ଓଡ଼ିଶାର ଗରିବ ଲୋକଙ୍କୁ ଘର ଦେବାରେ ଓ ସେମାନଙ୍କୁ ସଶକ୍ତିକରଣ କରିବାରେ ଭାରତ ସରକାର ଦେଉଥିବା ଅର୍ଥର ସଠିକ ବିନିଯୋଗ ହେଉ, ଏହା ଆମର ଅପେକ୍ଷା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗଣତନ୍ତ୍ରର ସର୍ତ୍ତ ହେଲା ଲୋକମାନେ ପକ୍ଷ ଓ ପ୍ରତିପକ୍ଷ ନିଜ ନିଜ ପସନ୍ଦକୁ ନେଇ ଲୋକଙ୍କ ପାଖକୁ ଯିବେ ଏବଂ ଲୋକମାନେ ଯାହା ପସନ୍ଦ କରିବେ। ବିଜେପି ରାଜ୍ୟର ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି । ବିଜେପି ତା'ର ରାଜନୈତିକ ଏଜେଣ୍ଡା ନେଇ ଲଢୁଛି। ଓଡ଼ିଶାର ବିକାଶ ପାଇଁ ଓଡିଆ ଲୋକମାନେ ନରେନ୍ଦ୍ର ମୋଦିଙ୍କୁ ଅଧିକ ବିଶ୍ୱାସ କରୁଛନ୍ତି ଏବଂ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ୨୦୨୪ରେ ସରକାର ଗଢିବ ବିଜେପି : ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୧୦।୧୨(ପି.ଏନ): ୨୦୨୪ରେ ଓଡ଼ିଶାରେ ଦୁଇ ତୃତୀୟାଂଶ ଆସନ ସହ ବିଜେପି ସରକାର ଗଢିବ। ଆଉ ଏଥିପାଇଁ ପ୍ରସ୍ତୁତି କରୁଛୁ ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ୨୦୨୪ରେ ବିଜେଡି ୧୨୫ରୁ ଅଧିକ ଆସନରେ ବିଜୟ ହେବା ନେଇ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ବୟାନ ପରେ ଏହି ପ୍ରତିକ୍ରିୟା ଦେଇଛନ୍ତି ଜୟନାରାୟଣ। ସେ କହିଛନ୍ତି ବିଜେଡିର ବିଜୟ ପଥରେ ରାଜନୈତିକ ଡିଲ୍ ହୋଇଥିଲା। ବିଜେଡି ପ୍ରଚାରରେ ଯିବା ପୂର୍ବରୁ କଂଗ୍ରେସ ସହିତ ଡିଲ୍ କରିଥିଲା। ଭୁବନେଶ୍ୱରରେ କଂଗ୍ରେସର ନେତୃତ୍ୱ ସହିତ ଏହି ଡିଲ୍ ହୋଇଥିଲା। କଂଗ୍ରେସର ଭୋଟ୍ ସ୍ଥାନାନ୍ତରିତ ପ୍ରତିଶ୍ରୁତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ପାଇଁ ପଦ୍ମପୁର ଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ରାଜନୈତିକ ଦଳ ଭାବେ ମିଶନ ନେଇ ଆଗକୁ ବଢିବା କିଛି ନୂଆ କଥା ନୁହେଁ କିନ୍ତୁ ୨୦୨୪ରେ ବିଜେଡିର ଅବସ୍ଥା କଣ ହେବ ତାହା ଜାଣିପାରିବେ । ଆଗକୁ କଣ ହେଉଛି ଦେଖନ୍ତୁ। ମିଶନ ୧୨୫ କହିବାକୁ କଣ ପଇସା ପଡୁଛି ବୋଲି କହିଛନ୍ତି ଜୟନାରାୟଣ ।ସେହିପରି ଅର୍ଥବଳ, ବାହୁବଳ ଓ ସରକାରୀ କଳ ଜରିଆରେ ପଦ୍ମପୁରରେ ବିଜେଡି ଜିତିଲା ବୋଲି କହିଛନ୍ତି ବିରୋଧୀ ଦଳ ନେତା। ୨୦୨୪ ନିର୍ବାଚନରେ ଦୁଇ ତୃତୀୟାଂଶ ଆସନ ସହ ସରକାର ଗଢିବୁ ବୋଲି କହିଛନ୍ତି ଜୟନାରାୟଣ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଓଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡ଼ିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡ଼ିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ତଥାପି ଆଶାର କିରଣଟିଏ

**ସନ୍ଧ୍ୟା ରାଣୀ ଦାଶ**

ସକାଳୁ ସକାଳୁ ସୁମନ ଅଫିସ ଗଲାପରେ ସୋନା ତା' କପକୁ ଧରି ସୋଫା ଉପରେ ଟିକେ ଆରାମରେ ବସି ଖବର କାଗଜ ଉପରେ ନଜର ପକ ?ଉ ପକ ?ଉ ହଠାତ୍ ଯୋରରେ କିଛି ପଡିକି ଭାଙ୍ଗି ଯିବାର ଶବ୍ଦ ହେଲା।କପକୁ ଥୋଇ ସେ ଶୋଇବା ଘର ଭିତରକୁ ଯାଇ ଦେଖେ ତ ଚିନୁ ଗୋଟେ ତକିଆ ଫୋପାଡି ସାଇଡ୍ ଟେବୁଲ୍ ଉପରେ ସଜା ହୋଇଥିବା ଲ୍ୟାମ୍ପଟିକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେଇଛି।ତକିଆ ମାଡରେ ପୁରା ଛିନ୍ ଛତ୍ର ହେଇଯାଇଛି ବଲ୍ବର କାଚ଼ ସବୁ। ସୋନା ଦୌଡ଼ି ଯାଇ ଚିନୁକୁ ପୁଣି ଥରେ ତକିଆ ଫୋପାଡିବାରୁ ନିବୃତ୍ତ କରିଲା ଏବଂ କାଚ଼ ଗୁଡ଼ିକୁ ଚଟାଣରୁ ସଫା କରିଲା

ଚିନୁକୁ ଭୋକ ଲାଗିଲେ କିମ୍ବା ଶୋଷ ଲାଗିଲେ ସେ ଏ ପ୍ରକାର ବ୍ୟବହାର କରେ।

ଏବେ ଧୀରେ ଧୀରେ ତା'ର 'ଆଇ କଣ୍ଟାକ୍ଟ'ଟିକେ ବଢ଼ିଛି,ଏବେ ଖାଇବା ଟିକେ ଟିକେ ହାତରେ ନେଇ ଖାଉଛି, କିନ୍ତୁ ଏତେ ଅପରିଚ୍ଛନ୍ନ ଭାବରେ ଖାଉଛି ଯେ ଦେଖିଲେ ଭାରି ବିରକ୍ତ ଲାଗିବ।ଏସବୁ ତ ସୋନା ପାଇଁ ସାଧାରଣ କଥା ହେଇଗଲାଣି, କିନ୍ତୁ ଅନ୍ୟମାନଙ୍କୁ ଏସବୁ ନିହାତି ଭାବରେ ଅସାଧାରଣ ଲାଗିପାରେ।ଏସବୁ ତ ଦୀର୍ଘ ଚ ?ଉଦ ବର୍ଷ ହେଲାଣି , ଦେହସୁହା ହେଇଗଲାଣି।

ଚିନୁକୁ କିଛି ବିସ୍କୁଟ ଦେଇ ସାରି ସେ ପୁଣି ତା'ର ଭାବନା ରାଜ୍ୟରେ ହଜିଗଲା।କେତେ ଛୋଟ ଆଉ କ୍ୟୁଟ ଟେ ହେଇଥିଲାଜନ୍ମ ବେଳେ।ଧୀରେ ଧୀରେ ବଡ଼ ହେବାକୁସୁମନ ଆଉ ସିଏ ତା'ର କୌଣସି ଜିନିଷରେ ଅବହେଳା କରି ନ ଥିଲେ। କିନ୍ତୁ ଭାରି ଆଶ୍ଚର୍ଯ୍ୟ ଲାଗିଲା ଯେତେବେଳେ ତାର ବୟସର ପିଲାମାନେ ମାନେ ଦେଢ଼ ବର୍ଷ ବ ?ଲକୁ କଥା କହିବା ଆରମ୍ଭ କରି ଦେଇଥିଲେ, ସେତେବେଳେ ଚିନୁ ତ ତା'ର ଦୁନିଆରେ ମସଗୁଲ ରହୁଥିଲା। ନା ' କିଛି ଶୁଣୁଥିଲା ନା କିଛି କହୁଥିଲା.. ସବୁ ସମୟରେ ଖାଲି ଚିଡ଼ଚିଡ଼ା ଭାବ ଆଉ ବିରକ୍ତିକର ମନୋଭାବ।ଏସବୁକୁ ବି ସୁମନ ଆଉ ସିଏ ସାଧାରଣ ବୋଲି ଭାବୁଥିଲେ।କିନ୍ତୁ ଦଶହରା ଛୁଟିରେ ଯେତେବେଳେ ସୋନା ତା'ର ବାପା ଘରକୁ ଯାଇଥିଲା,ତା'ର ଦିଦି ଚିନୁର ହାଡ଼ଭାବ ଦେଖି କାନ ଡାକ୍ତରଙ୍କୁ ଦେଖେଇବାକୁ ପରାମର୍ଶ ଦେଲା।କାରଣ ଚିନୁ ଅନ୍ୟ ପିଲାଙ୍କ ପରି ରେସପଣ୍ଡ ବି କରୁ ନ ଥିଲା। ସମସ୍ତେ ଭାବିଲେ ଯେ ସେ ବୋଧହୁଏ ଶୁଣି ପାରୁ ନ ଥିବ।

ସୋନା ଆଉ ସୁମନ ତା'ର ଦିଦିର କଥାକୁ ବିଲକୁଲ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବି ନ ଥିଲେ। କିନ୍ତୁ କିଛିଦିନ ପରେ ସେମାନେ ଆବିଷ୍କାର କରିଲେ ଯେ ଚିନୁ ଟିଭିକୁ ଅନବରତ ଭାବରେ ଦେଖୁଛି,ଖାସ କରିକି ଯେଉଁ ସମୟରେ ଗୀତର କିଛି ଚ୍ୟାନେଲ ଯଦି ଲାଗିଥିବ,ସେବ ?। ତା'ର ଅର୍ଥ ଯେ ତାକୁ ଶୁଣାଯାଉଛି, କିନ୍ତୁ ସେ କିଛି କହିପାରୁନି,ତା'ର ଇଚ୍ଛାକୁ ବ୍ୟକ୍ତ ବି କରୁନି।କଣ ଦରକାର ହେଲେ ଠାରିକି ମାଗୁଛି।ତ' ସୁମନ ଆଉ ସୋନା ସ୍ଥିର କରିଲେ ହୁଏତ ତାକୁ ଜଣେ ସ୍ପିଚ୍ ଥେରାପିଷ୍ଟ ପାଖକୁ ନିଆଯାଉ।ତା ପରଦିନ ହିଁ ତାକୁ ସେଇଠିକି ନିଆଗଲା। କିନ୍ତୁ ସେଇଠି ଘଟଣା ଟିକେ ଭିନ୍ନ ମୋଡ଼ ନେଲା। ଡକ୍ଟର କହିଲେ,' ଚିନୁକୁ ଶୁଣାଯାଉଛି, କିନ୍ତୁ ସେ ରେସପଣ୍ଡ କରୁନି।ତାକୁ ଟିକେ ସାଇକିୟାଟ୍ରିଷ୍ଟକୁ ଦେଖେଇ ଦିଅନ୍ତୁ।' ଏବେ ସୋନା ମୁଣ୍ଡରେ ବଜ୍ର ପଡ଼ିଲା ଭଳି ଲାଗିଲା।ସେ ଆଉ ଡେରି ନ କରି ତା'ର ପର ଦିନ ସ୍ୱାମୀଙ୍କ ସହ ସାଇକିୟାଟ୍ରିଷ୍ଟ ପାଖକୁ ଗଲା।

ପ୍ରାୟ ସକାଳ ସାତଟା ବେଳକୁ ସେମାନେ ବାହାରିକି ଗଲେ। ତାଙ୍କର ଡାକ୍ତର ଆସିଲେ ନ ?ଅଟା ବେଳକୁ।ପ୍ରାୟ ଦୁଇ ଘଣ୍ଟା ଧରି ଚିନୁ ଅସ୍ତବ୍ୟସ୍ତ କରି ପକେଇଲା ସୋନା ଆଉ ସୁମନକୁ।ସୋନା ତାକୁ ଏପଟସେପଟ କରି ବୁଲ ?ଉ ଥାଏ।ଘରେ ବି ତା'ର ବଡ଼ ଝିଅକୁ ସେ ଛାଡି ଆସିଥାଏ ତ ସେପଟେ ବି ତା'ର ମନ ତାକୁ ଥାଏ। କିନ୍ତୁ ଏ କ୍ଷେତ୍ରରେ ଚିନୁକୁ ଡାକ୍ତର ?ଙ୍କୁ ଦେଖେଇବା ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା।ତେଣୁ ସେ ଧୈର୍ଯ୍ୟ ଧରି ପ୍ରାୟ ଦେଢ଼ ଘଣ୍ଟା ଅପେକ୍ଷା କଲା ପରେ ଭିତରକୁ ଯିବାକୁ ଅନୁମତି ମିଳିଲା।ଡିନୁ ଡାକ୍ତର ?ଙ୍କୁ ଦେଖି ବୋଧହୁଏ ମନେମନେ ବହୁତ ଭୟ ପାଇ ଯାଇଥିଲା। ଅନେକ ପରୀକ୍ଷାନିରୀକ୍ଷା କଲା ପରେ ଡାକ୍ତର ସେନ୍ କହିଲେ, ' ୟୋର ସନ୍ ଇଜ୍ ଏନ୍ ଅଟିଷ୍ଟିକ ଚାଇଲ୍ଡ୍।' ନା ଆଉ ସୁମନ ସ୍ତବ୍ଧ ହୋଇଗଲେ।କଣ କରିବେ କିଛି ବୁଝି ପାରିଲେନି କିଛି ମୁହୂର୍ତ୍ତ ପାଇଁ।ଘରକୁ ଫେରିଲେ ଏକଦମ୍ ନୀରବ, ନିସ୍ପନ୍ଦ,ନିର୍ବାକ ହୋଇ।ଘରେ ଝିଅ ଅପେକ୍ଷା କରିଥିଲା ସେମାନଙ୍କୁ।ସେ ତ ଏବେ ବହୁତ ଛୋଟ,କେବଳ ଏତିକି ଜାଣିଲା ଯେ ଛୋଟ ଭାଇର ଯେଉଁ ବେମାରୀ ହେଇଛି,ତାହା କେବେ ବି ଭଲ ହବନି।ଆଉ ସୋନାକୁ ଲାଗିଲା ଯେ ସେ ଏତେଦିନ ହେଲାଣି କେବଳ ନିଜକୁ ବୁଝେଇ ଆସିଥିଲା ଯେ ଚିନୁର କିଛି ହେଇନି,ଅନ୍ୟ କେତେକ ପିଲାଙ୍କ ?ଭଳି ସେ ବି ବୋଧହୁଏ ଟିକେ ଡେରିରେ କଥା ହବ।କିନ୍ତୁ ଘଟଣା ତ ଏକଦମ୍ ଭିନ୍ନ ମୋଡ଼ ନେଲା ।ଆଉ ସେ ଭୁକ୍ତଭୋଗୀ ହୋଇଗଲା ଗୋଟିଏ ଅଟିଷ୍ଟିକ ଛୁଆର ମାଆ ହିସାବରେ। ସବୁଦିନିଆ ସଂଘର୍ଷ ତ ତା'ର ଆରମ୍ଭ ହୋଇସାରିଛି,ଏବେ ସେଇ ସଂଘର୍ଷ କେତେଦିନ ଚାଲିବ,ସେ ଜାଣି ନ ଥିଲା।ଚିନୁ ପାଇଁ ଏକ ସ୍ପ ?ଶାଲ ସ୍କୁଲ ଖୋଜା ହେଲା ଯେଉଁଠି ତା ଭଳି ଅନେକ ପିଲା ଥିବେ।ପୁଣି ସେ ହାଇପର ନ ହେବାପାଇଁ କେତେ ପ୍ରକାରର ହୋମିଓପାଥିକ, ଆୟୁର୍ବ ?ଦ,ଏଲୋପ୍ୟାଥିକ ମେଡିସିନ ଖୁଆଇବାର ବନ୍ଦୋବସ୍ତ କରାଗଲା।ତା'ର ଖାଇବାରେ ଅନେକ ରେଷ୍ଟ୍ରିକସନ ରଖାଗଲା।ବାପରେ ! ଏତେ ସବୁ ଜିନିଷ ସୋନା କେମିତି ସମ୍ଭାଳିନିଏ କେଜାଣି ! ! ତା'ର ସ୍ୱାମୀ ଅନେକ ଚିଡ଼ଚିଡ଼ ହୁଅନ୍ତି ବର୍ତ୍ତମାନ ଚିନୁକୁ ଦେଖିଲେ।ଖାଲି ରାଗରେ ଗରଗର ହୁଅନ୍ତି, ବେଳେବେଳେ ଅଚାନକ ପିଟାପିଟି ମଧ କରନ୍ତି। କିନ୍ତୁ ଏ ସବୁକୁ ନୀରବରେ ସହିଯାଏ ସୋନା।କେବଳ ଭଗବାନ ?ଙ୍କୁ ଏତିକି କହେ,' ପ୍ରଭୁ ! ମୋ ଚିନୁକୁ ଦୁଇପଦ କଥା ହେବା ପାଇଁ ସକ୍ଷମତା ପ୍ରଦାନ କରନ୍ତୁ।ସେ ତା'ର ମନର ଭାବନାକୁ ଠିକ୍ ଭାବରେ ପରିପ୍ରକାଶ କରୁ।' ଆଉ କହେ,' ମୋତେ ବି ସହିବାର ଶକ୍ତି ଦିଅ।'

ଦିନେ ହଠାତ୍ ରାତିରେ ସୋନା ର ଆଖି ଲାଗି ଯାଇଛି। କାହିଁକି କେଜାଣି ନିଦଟା ଭାଙ୍ଗିଲା ବେଳକୁ ଚିନୁ ଶେଯରେ ନ ଥିଲା।ସେ ଧଡପଡ ହୋଇ ଉଠିଲା ଆଉ ତାକୁ ଚାରିଆଡ଼ ? ଖୋଜି ଲାଗିଲା।ଘରର ପ୍ରତ୍ୟେକ ଜାଗାକୁ ସେ ଖୋଜିଦେଲା, କିନ୍ତୁ ଚିନୁ କୋଉଠି ବି ନ ଥିଲା।ସୋନା ମନକୁ ପାପ ଛୁଇଁଲା ସେତେବେଳକୁ ସୁମନ ଟୁରରେ ଥିଲେ।ସେ ବୁଝି ପାରିଲାନି କଣ କରିବ ! ସେ ଏକଦମ୍ ଭୟଭୀତ ହୋଇ ହଠାତ୍ ଝରକା ଆଡକୁ ଦୃଷ୍ଟି ନିକ୍ଷେପ କରିଲା।ତାକୁ ଦେଖାଗଲା ଯେମିତି ପରଦା ପଛପଟେ କିଛି ଗୋଟେ ଅଛି।ସେ ଦ ?ଉଡି ଯାଇ ପରଦାକୁ ଟାଣି ଦେଲା ବେଳକୁ ତା ପଛପଟେ ଚିନୁ ଲୁଚିକି ବସିଛି ଆଉ ବାହାରର ଅନ୍ଧାରୁଆ ରାସ୍ତା ଉପରେ ନୀରବରେ ନଜର ପକ ?ଉଛି। ଓହୋଃ ! ସୋନାର ଦେହରେ ଜୀବନ ସଂଚାର ହେଲା।ତାକୁ ସ୍ନେହରେ କୋଳେଇ ନେଲା ସେ ଆଉ ଧକେଇ ଧକେଇ କାନ୍ଦିବା ଆରମ୍ଭ କରିଲା।ଏହା ଆନନ୍ଦାଶ୍ରୁ କିମ୍ବା ଦୁଃଖ ମିଶ୍ରିତ ଲୁହ,ସେ କିଛି ବି ବୁଝିପାରିଲାନି।

ମନକୁ ଅନେକ ବୁଝେଇବାକୁ ଚେଷ୍ଟା କଲା। କିନ୍ତୁ ଅବୁଝା ମନ ବିଲକୁଲ ବୁଝିଲାନି।ଗୁମୁରି ଗୁମୁରି ସେ ରାତି ସାରା ଚିନୁକୁ ନେଇ ଅନେକ କାନ୍ଦିଲା।ହେଲେ ବୁଝେଇବ କିଏ ? ସେ ନିଜକୁ ନିଜେ ହିଁ ବୁଝେଇଲା ଏବଂ ଭାବିଲା,' କଣ ଜୀବନ ସାରା ମୁଁ ଏମିତି ଛନ୍ଦି ହେଇ ରହିବି ? ସବୁ ମାଆ ଚାହାନ୍ତି ନିଜ ସନ୍ତାନ ସହ ଯୋଡ଼ି ହୋଇ ରହିବା ପାଇଁ,ହେଲେ ଗୋଟିଏ ଅନ୍ୟ ଢ ?ଙ୍ଗରେ ଅର୍ଥାତ୍ ସନ୍ତାନର ଉନ୍ନତି ଏବଂ ସଫଳତା ସହ ସେମାନେ ଯୋଡ଼ି ହୁଅନ୍ତି,ଖୁସି ହୁଅନ୍ତି, ସେମାନଙ୍କୁ ଆଶୀର୍ବାଦ କରନ୍ତି ଏବଂ ଗର୍ବ କରନ୍ତି। କିନ୍ତୁ ଏଠାରେ ଘଟଣା ତ ସଂପୂର୍ଣ୍ଣ ବିପରୀତ।ସେ ଚିନୁକୁ କଣ କହି ଆଶୀର୍ବାଦ ଦେବ ?ତାକୁ କ'ଣ କ ?ହି ପଢ଼ାରେ ମନଯୋଗ କର ବୋଲି କହିବ ? କିଛିଦିନ ତଳେ ତା ପାଇଁ କଲର ପେନସିଲ ,କ୍ରେୟନ,ପୁଣି ଡ୍ରଇଂ ଖାତା ଆଦି ଆଣି ଦେଇଥିଲା। ତାକୁ ପେନସିଲ ଧରେଇବାକୁ ଅନେକ ଚେଷ୍ଟା କଲା,କେତେ ପ୍ରକାରର ଉଦ୍ୟମ କଲା, କିନ୍ତୁ ଫଳ କିଛି ହେଲାନାହିଁ।ସେ କେବଳ ଖାତାକୁ ଧରି ଚିରିବା ହେଲା ସାର।କଲରକୁ ଖଣ୍ଡ ଖଣ୍ଡ କରି ଚୋବାଇବା ହେଲା ସାର।ବାସ୍,ୟା ଠୁ ଅଧିକ ଗୋଟିଏ ଅଟିଷ୍ଟିକ ପିଲାଠୁ କଣ ଆଶା କରା ଯାଇ ପାରେ ? ଭାବୁ ଭାବୁ କେତେବେଳେ ଆଖି ଲାଗିଯାଇଛି ତା'ର। ସକାଳ ପ୍ରାୟ ଆଠଟା ବେଳକୁ ତା'ର ଆଖି ଖୋଲିଲା ବେଳକୁ ଝିଅ ଆସି ତାକୁ କହୁଛି,' ମାମା ଜଲଦି ଟିଫିନ୍ ଦିଅ, ବସ ଆସିଯିବ ସ୍କୁଲ ପାଇଁ।' ଝିଅ ବି ଏସବୁ ଦେଖିଦେଖି ବୁଝିଗଲାଣି ଯେ ଏଇ ସିଲସିଲା ସବୁଦିନ ପାଇଁ ଚାଲିବ।

ସୋନା ତରବର ହୋଇ ରୋଷେଇ ଘରକୁ ଚାଲିଗଲା ଝିଅକୁ ଟିଫିନ୍ ଦେବା ପାଇଁ।ସୁମନ ଟୁରରୁ ଆଜି ଫେରିବେ।ସକାଳୁ ଫୋନ କରିଥିଲେ କି କଣ ! ଫୋନ ତ ସାଇଲେଣ୍ଟରେ ଥିଲା।ଯାଇ ଦେଖେ ତ ସତରେ ଦୁଇଟା ମିସଡ୍ କଲ୍ ଅଛି।ଆଉ ସୁମନ ହିଁ ଫୋନ କରିଥିଲେ।ସେ କଲ୍ ବ୍ୟାକ କଲାରୁ ସୁମନ୍ ସେପଟୁ କହିଲେ ଯେ ଜଲଦି ରେଡ଼ି ହେଇ ଯାଅ,ଚିନୁକୁ ନେଇ ଜଣେ ନୂଆ ସ୍ପିଚ୍ ଥେରାପିଷ୍ଟ ଜ ?ଏନ କରିଛନ୍ତି,ତା ?ଙ୍କୁ ଟିକେ ଦେଖେଇ ଦେବା।ହୁଏତ ସେ କିଛି ନୂଆ ଉପାୟ ଶିଖେଇ ପାରନ୍ତି ଯଦ୍ୱାରା ଚିନୁ କିଛି ଶବ୍ଦ କହି ପାରେ।ଅନେକ ଆଶା ନେଇ ସେମାନେ ପୁଣି ସେଇ ସ୍ପିଚ୍ ଥେରାପିଷ୍ଟ ପାଖକୁ ଗଲେ।ସେ ଡାକ୍ତର ଜଣକ ଅନେକ କିଛି ଉପାୟ ଓ ପଦ୍ଧତି କହିଲେ,ତା'ର ମୋଟର ସ୍କିଲ ପ୍ରାକ୍ଟିସ କରେଇବାକୁ କହିଲେ,ଅନେକ ଉଦାହରଣ ମାଧ୍ୟମରେ ଅନେକ କିଛି ତାଙ୍କୁ ସଜେସନ୍ ଦେଲେ।ସେସବୁ ବେଦର ଗାର ଭଳି ସୋନା ମାନିଲା ଓ ଅଭ୍ୟାସରେ ଯୋଡ଼ି ଦେଲା କାରଣ ତାକୁ ଚିନୁଠାରୁ କିଛି ଶବ୍ଦ ଶୁଣିବାକୁ ଥିଲା।ଏସବୁ ଲଗାତାର ଭାବେ ଛ ?ଅ ମାସ ଚାଲିଲା।ସେମାନେ ଚିନୁ ପାଖରେ ଧୀରେ ଧୀରେ କିଛି ପରିବର୍ତ୍ତନର ଆଭାସ ପାଇଲେ।ଚିନୁର 'ଆଇ କଣ୍ଟାକ୍ଟ' ବଢ଼ିଛି।ଚିନୁ ଭିଡିଓ କଲରେ ଅଜା ଆଇଙ୍କୁ 'ହେଲୋ' କହୁଛି।ନିଜ ଚପଲ ନିଜେ ଆଣିକି ପିନ୍ଧି ପାରୁଛି ଇତ୍ୟାଦି। ସୁମନ ଆଉ ସୋନା ମନରେ ଆଶାର ଏକ ନୂତନ ସୂର୍ଯ୍ୟୋଦୟ ଘଟୁଛି। ସବୁକିଛି ଧୀରେ ଧୀରେ ସୁଧୁରିବାକୁ ଲାଗିଲାଣି।ସୋନା ମନେମନେ ଇଷ୍ଟଦେବୀଙ୍କୁ ମୁଣ୍ଡିଆଟିଏ ମାରିଲା। ମନେମନେ ଆଉ କିଛି ମାନସିକ ବି କରି ପକେଇଲା।ସେଦିନ ସକାଳୁ ଚିନୁ ଦେହରେ ଜ୍ୱର ଭର୍ତ୍ତି ଥାଏ।ସେ ଭାରି ଅସ୍ତବ୍ୟସ୍ତ ହେଉଥାଏ। ବାରମ୍ବାର ଠାରିକି ପାଣି ମାଗୁଥାଏ।ସୋନା ତାକୁ ପାରାସିଟାମଲ ଦେଇଥାଏ।ଆଜି ଚିନୁ ଜମ୍ମାରୁ ଖାଇବାକୁ ଇଚ୍ଛା କରୁ ନ ଥାଏ।କେତେ ପ୍ରକାରର ଚେଷ୍ଟା କରିଲେ ମଧ ସେ ମୁହଁ ବୁଲେଇ ଦେଉଥାଏ।ତଥାପି ତାକୁ ଦିଇଟା ବିସ୍କୁଟ ଦେଇ ଯେମିତି ସେମିତି ଶୁଏଇବାକୁ ଚେଷ୍ଟା କଲା।ଚିନୁ ଶୋଇଲା ପରେ ସୋନା ଟିକେ ଶୋଇବାକୁ ଚେଷ୍ଟା କରୁକରୁ ତା'ର ଟିକେ ଆଖି ଲାଗି ଯାଇଥିଲା। ହଠାତ୍ କିଛି ଗଁ- ଗଁ ଶବ୍ଦରେ ତା'ର ନିଦ ଭାଙ୍ଗିଗଲା।ସେ ଚାଏଁ କରି ଉଠି ପଡିଲା ଆଉ ଯାହା ଦେଖିଲା,ସେ ଡରରେ କଳାକାଠ ପଡ଼ିଗଲା।

ଚିନୁ ପାଟିରୁ ଫେଣ ବାହାରୁଥାଏ।ଆଖି ପତା ଓଲଟି ଯାଇଥାଏ।ହାତଗୋଡ଼ ସବୁ ଏକଦମ୍ ଟାଣ ହୋଇଯାଇଥାଏ।ଆଉ ସେ ଗଁ ଗଁ ଶବ୍ଦ କରୁଥାଏ।ଏହା ଦେଖି ସୋନାର ମୁଣ୍ଡ କାମ କଲାନି।ସେ ସୁମନକୁ ନିଦରୁ ଉଠାଇଲା।ସୁମନ ସଙ୍ଗେସଙ୍ଗେ ଚିନୁ ମୁହଁରେ ଗୋଟେ ଷ୍ଟିଲ୍ ଚାମଚ଼ ପୁରେଇକି ଉପର ଦାନ୍ତ ଓ ତଳ ଦାନ୍ତ ଗୁଡ଼ିକୁ ଅଲଗା କରିବାକୁ ଚେଷ୍ଟା କଲେ।ତା'ର ମେଲା ଆଖି ଗୁଡ଼ିକୁ ଟିକେ ବନ୍ଦ କଲେ।ତା'ର ଗୋଡହାତ ସବୁ ଘଷିବାକୁ ଲାଗିଲେ।କିଛି ସମୟ ପରେ ଚିନୁର ଚେତା ଫେରିଲା।ତା ପର ଦିନ ସେ ତାକୁ ନେଇକି ପୁଣି ଡାକ୍ତର୍ ?ଙ୍କ ପାଖକୁ ନେଲେ।ସବୁ ଦେଖି ସାରିଲା ପରେ ଡାକ୍ତର କହିଲେ କି ଚିନୁର 'କନଭଲସନ' ହେଇଥିଲା। ଏମିତି ତା'ର କେତେବେଳେ ବି ହେଇପାରେ କାରଣ ଯେହେତୁ ସେ ଗୋଟେ ଅଟିଷ୍ଟିକ ଚାଇଲ୍ଡ,ତାକୁ ସେଥିପାଇଁ ଆହୁରି ଯତ୍ନ ଦରକାର।ବେଡି ଉପରେ କୋରଡ଼ା ମାଡ଼ ଭଳି ଆଉ ଗୋଟେ ଟାସ୍କ ବଢିଲା ସୋନାର।ତାକୁ ଏବେ ସମୟ ଅନୁସାରେ ଚିନୁକୁ ଔଷଧ ଦେବାକୁ ପଡ଼ିବ।ସେ ଆଗ ଅପେକ୍ଷା ଆହୁରି ବାନ୍ଧି ହୋଇଗଲା ଚିନୁ ସହ। ଚିନୁ ଏବେ ସବୁଦିନ ଔଷଧ ଖାଏ।ଦିନକୁ ଦୁଇଥର। କରୋନାର ପ୍ରକୋପ ଯୋଗୁଁ ପ୍ରାୟ ସବୁ ସ୍କୁଲ ବନ୍ଦ ହେଇଗଲା।ସେ ଯାଉଥିବା ସ୍କୁଲଟି ମଧ୍ୟ ବନ୍ଦ ହେଇଗଲା।ଏବେ ଚିନୁ କେବଳ ଘରେ ହିଁ ରହେ।ବଜାରରୁ କିଛି ଜିନିଷ ଆଣିବାକୁ ଯିବାର ଥିଲେ ସେ ବି ଜିଦ୍ କରେ ସୋନା ସହ ବଜାର ଯିବା ପାଇଁ।ଚିନୁକୁ ବୁଲିବାକୁ ଭାରି ଇଚ୍ଛା।ସୁମନକୁ ମଧ୍ୟ ସେ ବେଳେବେଳେ ଠାରେ ଯେ ତାକୁ କାରରେ ବୁଲିବାର ଅଛି। କିନ୍ତୁ ସୁମନ ଏ ସବୁ ଅଣଦେଖା କରନ୍ତି।ସେ ଜିଦି କରେ।ସୁମନ ତା'ର ଜିଦକୁ ପୁରା କରନ୍ତିନି। ଧୀରେଧୀରେ ତା' ପ୍ରତି ସୁମନ ?ଙ୍କହାବଭାବ ବଦଳି ଗଲାଣି।ଆଗ ଭଳି ସେ ଆଉ କେଆର କରୁ ନାହାନ୍ତି ଚିନୁକୁ।ସେ ଅଫିସରୁ ଫେରିଲା ପରେ ଯେତେବେଳେ ଚିନୁ ତାଙ୍କ ପାଖକୁ ଲାଗି ଆସେ,ସେ ତାକୁ ଦୂରଦୂର ମାରମାର କରନ୍ତି।ସେ ଯଦି ଘରେ ଲାପଟପରେ କାମ କଲାବେଳେ ହଠାତ୍ ଆସିଯାଏ,ତ ତାକୁ ସେତେବେଳେ ବହୁତ ପିଟନ୍ତି।ଥରେ ତ ସୋନାକୁ ଡାକିଲେ ଆଉ କହିଲେ,' ତାକୁ ନେଇକି କୋଉ ମନ୍ଦିର ନ ହେଲେ ଆଶ୍ରମରେ ଛାଡ଼ିଦେଇ ଆସ,ତା'ର ଆମ ସାଙ୍ଗରେ ରହିବାର କୌଣସି ଆବଶ୍ୟକତା ନାହିଁ।' ଏତିକି କହି ଧପଧପ ହୋଇ ସେ ସେଠାରୁ ଚାଲିଗଲେ।ସୋନା ସ୍ତବ୍ଧ ହୋଇ ଛିଡା ହୋଇଥାଏ।ତା ଆଖିରୁ ଧାରଧାର ଲୁହ ତା'ର ଅଜାଣତରେ ବହି ଯାଉଥାଏ।ସେ ଲଥ କରି ସେଇଠି ବସି ପଡିଲା।ସେ କେବେ ସୁମନଠୁ ଏ ପ୍ରକାର ବ୍ୟବହାର ଚିନୁ ପାଇଁ ଭାବି ପାରି ନ ଥିଲା।ସେ କିଛି ବି ବୁଝି ପାରୁ ନ ଥିଲା।ଆଉ ଚିନୁ,ସେ ତ ତା'ର ନିରୀହ ପଣିଆକୁ ନେଇ ବିଭୋର ଥିଲା।ନିଜେ ନିଜେ ତାର ଆଙ୍ଗୁଠିଗୁଡିକୁ ତେଢ଼ାମେଢ଼ା କରି ନିରୀକ୍ଷଣ କରୁଥିଲା। ତା'ର ଆଉ କ'ଣ କାମ କି ? ଦିନସାରା ରାତିସାରା ସେ ତ କେତେବେଳେ ନିଜ ହାତର ଆଙ୍ଗୁଠି ଗୁଡ଼ିକୁ ତର୍ଜମା କରୁଥାଏ ତ ଆଉ କେତେବେଳେ ଶୂନ୍ୟକୁ ଚାହିଁ ହସିହସି ଗଡୁଥାଏ,ପୁଣି କେତେବେଳେ ତା'ର ବେସୁରା ରାଗିଣୀକୁ ନେଇ ନିଜେ ? ନିଜ ଭିତରେ ଖୁସି ହେଉଥାଏ।ତା'ର କିଛି ବି ତ ଲେନାଦେନା ନାହିଁ ଏ ପୃଥିବୀବାସୀ ?ଙ୍କ ସହ। ବାସ୍, ଟିକେ ଭୋକ ଲାଗିଲେ ଯଦି ସମୟରେ ଖାଇବାକୁ ମିଳି ଯାଉଛି ଆଉ ପାଣି ପିଇବାକୁ ମିଳି ଯାଉଛି,ତେବେ ତ ଆଉ କିଛି ଆବଶ୍ୟକ ନାହିଁ।ପାଣି ପିଇବା ତା'ର ସବୁଠୁ ବଡ଼ ଦୁର୍ବଳତା।ପାଣି ପିଇବ,ଆଉ ସୁସୁ ଯିବ।ବାସ୍,ଏଇଆ ହିଁ ତ କାମ।ଏସବୁ ଜିନିଷକୁ ସିନା ଜଣେ ବାପା ବୁଝିପାରିବନି, କିନ୍ତୁ ମା ମନ କ'ଣ ତାକୁ ଛାଡି ପାରିବ।ଆଉ ମାଆ ବାପାଙ୍କ ଯେଉଁ ଛୁଆଟା ଦୁର୍ବଳ,ତା ପାଇଁ ସେମାନଙ୍କ ? ସେତେ ଦୁର୍ବଳତା।ସେ ଯାହା ବି ହେଉ,ସୋନା ସୁମନଙ୍କ ଏସବୁ କଥା ଭୁଲି ଯାଇ ଚିନୁକୁ ଆଗଠାରୁ ଆହୁରି ବେଶୀ ଯତ୍ନ ନେଲା କାରଣ ସେ ପ୍ରମାଣିତ କରିବାକୁ ଚାହୁଁଥିଲା ଯେ ଚିନୁକୁ ଯେମିତି ହେଲେ ବି ରାସ୍ତାକୁ ଆଣି କିଛି କଥା ,କିଛି ଶବ୍ଦ କୁହେଇବାକୁ ଚେଷ୍ଟା କରିବ।

ଯେତେବେଳେ ବି ସୋନାକୁ ସମୟ ମିଳେ,ସେ ଫୋନ,ସାଙ୍ଗସାଥି ସମସ୍ତଙ୍କୁ ଛାଡି କେବଳ ତାକୁ କଥା କୁହେଇବା ଶିଖାଏ।କାରଣ ଆଜିକାଲି ଚିନୁର ଏକାଗ୍ରତା ଟିକେ ବଢ଼ିଛି।ସେଦିନର ଗୋଟେ ସୁନ୍ଦର କଥା ମନ ଅଛି ସୋନାର।ସେ ରୋଷେଇଘରେ ରୋଟି ବ ?ଲିବାରେ ବ୍ୟସ୍ତ ଥାଏ।ଚିମନି ଟି ଅନ୍ ଥିବାରୁ ରୋଷେଇ ଘର ବାହାରର କୌଣସି ଶବ୍ଦ ସେ ଶୁଣି ପାରୁ ନ ଥାଏ।ଅଚାନକ ତା'ର ଝିଅ ଆସି ସୋନାକୁ ଡାକ ପକେଇଲା।

' ମାମା,ଜଲଦି ଆସ ଦେଖିବ ଚିନୁକୁ।' ସୋନା ହଡବଡେଇ ଆସି ଦେଖେ ତ ଚିନୁ ଗୋଟେ ହାତରେ ମୋବାଇଲ୍ ଫୋନକୁ ଧରି ମା..ମ୍ଆ ,ମା..ମ୍ଆ ରଟୁଛି।ଏହା ଅସ୍ପଷ୍ଟ ଥିଲେ ମଧ କାନକୁ ମାମା ବ ?ଲି ଶୁଣା ଯାଉଥିଲା।ଯେମିତି ସୋନାର ମୁହଁ ସହ ତା'ର ମୁହଁ ପଡ଼ିଯାଇଛି, ହଠାତ୍ ସେ ତା'ର ମାମାକୁ ଦେଖି ଥରେ କ୍ଷୀଣ ସ୍ୱରରେ ମାମା ବୋଲି କହିଲା ଆଉ ତଳକୁ ମୁହଁ ପୋତିଦେଲା। ଓହୋଃ ! ସୋନା ର ଖୁସି କହିଲେ ନ ସରେ ! ତା'ର ଚିନୁ ଆଜି ତାକୁ ମାମା ବୋଲି ଡାକିଛି।ତାକୁ ଆଉ କ'ଣ ଦରକାର କି ? ବାସ୍,ଏଇ ନାଁ ରେ ତ ଅମୃତ ଭରି ରହିଛି।ସେ ଚିନୁକୁ ଯାଇ କୋଳେଇ ପକେଇଲା ଆଉ ଅନେକ ବ ?କରେ ଭରିଦେଲା ତା'ର ମଥା,କପାଳ,ଗାଲ ଚାରିଆଡ଼ ?... ଏଇ ତ ନିରାଶାରେ ଆଶାର ସୂକ୍ଷ୍ମ ରେଖାଟିଏ ଯାହାକୁ ନେଇ ଚାଲିବ ସେ ଜୀବନ ସାରା,ଜୀବନର ସେ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ଚିନୁ ପୁରା କଥା କହି ନ ପାରିଛି।

କୋରାପୁଟ

## ଫେରିଆସ !

*ସୁଚରିତା ମହାନ୍ତି*



ଫେରିଆସ !
ଯାଅ ନାହିଁ ସେ ଅପରିଚିତ
କିଟିମିଟି ଅନ୍ଧାର ଭିତରକୁ
ସେଠି ତୁମ ଶୋଷ ମେଣ୍ଟିବନି
କି ଭୋକ ମେଣ୍ଟିବନି
ସେ ଅନ୍ଧାର ଭିତରେ ହଜିଯିବ
ତୁମର ସମସ୍ତ ଅସ୍ତିତ୍ୱ,
ଖିନ ଭିନ୍ ହୋଇଯିବ
ଗୋଟିଏ ମୁହୂର୍ତ୍ତରେ
ଜୀବନ ବ୍ୟାପି ଅର୍ଜିତ
ତୁମ ମଣିଷ ପଣିଆ
ଫେରିବା କୁ ବାଟ ନଥାଏ ସେଠି
ଅବଶୋଷ ବ୍ୟତୀତ
ଆଉ କିଛି ମିଳେନା
ମୃତ୍ୟୁ ଅହରହ ହାତ ଠାରି
ଡାକୁ ଥାଏ ,
ତାଜା ରକ୍ତ ରେ
ମୁହଁ ପଖାଳିବା କୁ
ଅନେଇ ବସିଥାଏ ତୃଷାର୍ତ୍ତ ।
ସେ ସମ୍ପର୍କ ବୁଝେ ନା
କି ମଣିଷ ର କଥା,
କେବଳ ଆତଙ୍କ ର
ମୁଖା ପିନ୍ଧି ଜାଣେ।
ସେ ବହଳ ଅନ୍ଧକାର ମଧ୍ୟରେ
ନିଜକୁ ଆବିଷ୍କାର କରେ
ଅନ୍ୟକୁ ଦେଖାଏ ଶିଖାଏ
ମୃତ୍ୟୁ ର ତାଣ୍ଡବ ।
ନଥାଏ ସେଠି ଫୁଲ ର ଗାଲିଚା
କିମ୍ବା--
ଛାଇ ଆଲୁଅ ରେ ଶୀତଳତା
ଭରି ଦେବାକୁ ଆକାଶ ରେ
ଜହ୍ନ ।
ଦୟା ନାହିଁ କ୍ଷମା ନାହିଁ
ତୁମେ କି ପାରିବ କୁହ
ତୁମ ଜୀବନ ର
ଜ୍ୟାମିତିକ ଅଙ୍କ କଷି
ଭୟଙ୍କର ଭାରି ଭୟଙ୍କର
ସେ ଅନ୍ଧାରି ମୁଲକ
ଶାନ୍ତି ର ଶ୍ଲୋଗାନ କେବେ
ଶୁଭେ ନାହିଁ,
ତୁମେ କହିପାର
ତୁମ ଭାଷାରେ ତୃଷିତ ସୁଡ଼ଙ୍ଗ
ଯେଉଁଠି ଜଳୁଥାଏ ଯନ୍ତ୍ରଣା ର ଜୁଇ ।
ତତଲା ନିଶ୍ୱାସ ରେ
ଜଳିଯାଏ ମଣିଷ ପଣିଆ
ଯେଉଁଠି ଶୁଭେ ଖାଲି
ଯୁଦ୍ଧର ଡାକରା
ସେଠୁ କ'ଣ ଫେରି ପାରିବ
ତୁମେ ତୁମ ଛାଡ଼ି ଯାଇଥିବା
ସ୍ୱପ୍ନ ମାନଙ୍କ ପାଖକୁ ନା
ଭେଟି ପାରିବ ସଂସାର ର
ମୋହ ମାନଙ୍କୁ
ନା ତୁମ ଇଶ୍ୱର ଙ୍କୁ !!
ଯଦି ବା ଫେର କ'ଣ ଉତ୍ତର
ଦେବ ସେମାନଙ୍କୁ !
ତୁମେ ନିଜେ ମରଣର
ମହାସ୍ନାନ ପୂର୍ବରୁ ଅନେକ ବାର
ମରି ସାରିଛ--
ସନ୍ତ୍ରାସ ର ଜଉ ଘରେ ॥

ସଂପାଦିକା, 'ଭଞ୍ଜଦୀପ'
୮୯୧୭୫୭୧୨୦୨

## ବାକି ଯାହା ଶିଖିବାକୁ ଅଛି

*ରତ୍ନକାନ୍ତି ମିଶ୍ର*



ବହୁତ କିଛି ଶିଖିବାର ଅଛି
ଆକାଶ ଠୁ,ମାଟି ଠୁ
ପାଣି ଠୁ, ପବନ ଠୁ
ଦିଗ ଠୁ,ଦିଗବଳୟ ଠୁ
ସୂର୍ଯ୍ୟ ଠୁ , ଚନ୍ଦ୍ର ଠୁ
ରାତି ଠୁ , ଦିନ ଠୁ
ପ୍ରେମ ଠୁ, ପ୍ରତାରଣା ଠୁ
ସମୟ ଠୁ , ସମୁଦ୍ର ଠୁ
ଗତି ଠୁ , ସ୍ଥିତି ଠୁ
ଆହୁରି ଅନେକଙ୍କ ଠୁ
ସବୁ ଶିଖିବା ପରେ ବି
ଶିଖିବାର ଥାଏ - ଶବ୍ଦ ଠୁ
ଜୀବନ ତମାମ ଶିଖିଲେ
ଯାହା ବାକି ରହିଥାଏ ଶିଖିବାକୁ
କେବଳ କବିତା ଠୁ.... !!!!

ଆଳି, କେନ୍ଦ୍ରାପଡା

## ଜୀବନଟା ବୁଝାମଣା

*ରାହାସ କୁମାର ବେହେରା*



ଜୀବନଟା ଏଠି ବୁଝାମଣା ଖାଲି
କିଏ ଜିତେ କିଏ ହାରେ
କିଏ ଖାଇ ପିଇ ହାକୁଟି ମାରୁଛି
କିଏ ଓପାସରେ ମରେ ।
ସମ୍ପର୍କର ସଂଜ୍ଞା ନିହାତି ଅବୋଧ
କିଏ କାହାକୁ ପଚାରେ
ସ୍ୱାର୍ଥ ଚାଲିଗଲେ ମଣିଷ ଅଡୁଆ
ଅଖୋଜା ସାରା ସଂସାରେ ।
କାହାକୁ କହିବ କିଏସେ ଶୁଣିବ
ଦୁନିଆ ବଦଳି ଯାଏ
ଭାଇ ପାଇଁ ଭାଇ ପରହୁଏ ଯେବେ
ପରବି ବଇରୀ ହୁଏ ।
ସ୍ୱାର୍ଥକୁ ଜାବୁଡି ଚାଲିଛି ମଣିଷ
ଟଙ୍କା ସୁନା ତାର ପ୍ରିୟ
ପର ଧନ ମାରି ହୁଏ ବଡ଼ ଲୋକ
କାହାକୁ ନକରି ଭୟ ।
ବଦଳି ଯାଇଛି ସମୟ ପ୍ରକୃତି
କାହାକୁ ଜାଣିବ ଭଲ
ନାହିଁ ବୁଝାମଣା କାହା ସାଥେ ଏଠି
ମନ ଏକା କଲବଲ ।
ବହିଯାଏ ଲୁହ ପିଇ ଯାଏ ଓଠ
ବାକ ଶୂନ୍ୟ ଏ ମଣିଷ
କାହାକୁ କହିବ ବୁଝାମଣା ପାଇଁ
ସମ୍ପର୍କ ଯେଉଁଠି ବିଷ ।
ଏକାଏକା ଏଠି ବଂଚିବାକୁ ହେବ
ଚାଲିବାକୁ ବହୁ ଦୂର
ପ୍ରତୀକ୍ଷା ବିଶ୍ୱାସ ଜଗତ କଲ୍ୟାଣେ
ହସିବେ ସଚରାଚର ।

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ: ୯୪୩୮୧୧୪୩୭୮

## ରାମଗଡ଼ରେ ରାମକାବ୍ୟ

*ସୁନୀଲ କୁମାର ପ୍ରଧାନ*



ଆମ ଅଞ୍ଚଳରେ ଦୁଇ ଗୋଟି କବି
ଥିଲେ ପରା ଜନମି
ରାମ କାବ୍ୟ ପରା ଲେଖି ଯାଇଛନ୍ତି
ଧନ୍ୟ ଆମର ଏ ଭୂମି।
ପାଲୁର ପାଖେ ମଧୁସୂଦନପୁର
କେଶବ ପଟ୍ଟନାୟକ
ସେହି ମହାକବି ଜନମ ଭଳିଲେ
ଲେଖିଲେ ଯେ ରାମକାବ୍ୟ ।
ଆଉ ଏକ କବି ନାମ ଦଣ୍ଡପାଣି
ଲେଖିଛନ୍ତି ରାମକାବ୍ୟ
ଦଣ୍ଡପାଣି ରାମାୟଣ ରଚିଗଲେ
ଗୌରବ ଅଟଇ କାର୍ଯ୍ୟ ।
ରାମଗଡ଼ରେ ରାମକାବ୍ୟ ଯେ ରଚି
ଆମର ଏ ଦୁଇ କବି
ଧନ୍ୟ ଧନ୍ୟ କହେ ଆମରି ଅଞ୍ଚଳ
ପୂରୁବେ ଉଇଁଲେ ରବି ।
ଗଞ୍ଜାମ ଜିଲ୍ଲାରେ ସତାବନ କବି
ଲେଖିଛନ୍ତି ରାମକାବ୍ୟ
ଆଜି ମଧ ଗବେଷଣା ଚାଲିଅଛି
ଧନ୍ୟ ଆମରି ଏ ରାଜ୍ୟ ।
ରାମକାବ୍ୟ ସତେ ଅଟଇ ପବିତ୍ର
ଆହେ ସାଧୁଜନେ ଶୁଣ
ଏହି କାବ୍ୟ ପଢ଼ି କେତେ କେତେ ମୁନି
ପାଇଛନ୍ତି ନାନା ଜ୍ଞାନ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଭଜୁଅଛି ହରିହରି

*ଜୟନ୍ତ କୁମାର ମଲ୍ଲିକ୍*

ବୟସ ବଢ଼ିଲା ଅଶିକି ଟପିଲା
ବଙ୍କୁଲି ବାଡ଼ିଟି ସାଥି
ସେହି ବାଡ଼ି ଟିକୁ ହାତରେ ଧରି ମୁଁ
ଚାଲୁଥାଏ ଦିନରାତି ।
ଏହି ବୟସରେ ପାଖରେ ଥିଲେ ସେ
ମନରେ ଆସଇ ବଳ
କେବେହେଲେ ମୁଁ ଖାଇ ପାରେନାହିଁ
କାଟିକି ଆପେଲ ଫଳ ।
ଗୋଡ଼ ହାତ ମୋର ସବୁତ ଥରୁଛି
ଦାନ୍ତବି ଗଲାଣି ପଡି
ପାକୁଆ ପାଟିରେ ଖାଇ ହୁଏନାହିଁ
ବାଦାମ,ନଡ଼ିଆ, ବଡ଼ି ।
ପାଖରେ ମୋହର ସାଥିଟିଏ ନାହିଁ
କରିବ ଆଉକେ ସେବା
ପୁଅ ମୋ ରହୁଛି ରାଇଜ ବାହାରେ
ନାଆଁ ଦେଇଥିଲି ଦେବା ।
ଭଲ କରି ଗଣ୍ଡେ ଖାଇ ପାରୁନାହିଁ
ହାତରେ ହେଉନି ଧରି
ଡାକରା ଦେଲାଣି ଯମ ଆସି ମୋତେ
ଭଜୁଅଛି ହରିହରି ।

ଶୂରଡିହ, ନନ୍ଦିପୁର, ଯାଜପୁର

## ସ୍ଥିତପ୍ରଜ୍ଞ

*ଆଦ୍ୟାଶା ମହାପାତ୍ର*



ମାଟି ଭଲପାଏ ପାଣିକୁ
ମାଟିର ବିଶ୍ୱାସ ନାହିଁ ପବନକୁ
ପାଣି ଭଲପାଏ ମାଟିକୁ
ଭଲ ପାଇ ପାରେନା ନିଆଁକୁ
ପବନ ଭରସା କରେ ନିଆଁକୁ
ପବନ ଭଲପାଏ ନା ମାଟିର ଜିଦି ପଣକୁ
ନିଆଁ ଆଦରି ନିଏ ପବନ ପ୍ରବାହକୁ
ହେଲେ ଅନାଦାର ଭାବ ପାଣି କୁ
ଆକାଶ ହିଁ
ସମସ୍ତଙ୍କୁ ପ୍ରଶ୍ନ ପଚାରି
ପାଇଥିଲା ଏସବୁ ଉତ୍ତର
ସମସ୍ତେ ଇଛୁକ ଜାଣିବାକୁ ଏବେ
ଆକାଶର ଭଲ ପାଇବା
ଅବା ବିରୋଧାଭାସକୁ
ରହସ୍ୟମୟ ହସ ଥିଲା
ଆକାଶ ମୁହଁରେ
ମାଟି, ପାଣି, ପବନ, ନିଆଁ
ସମସ୍ତେ ତାଜୁବ୍
ଆକାଶ ଥିଲା ଠିକ୍ ଆଗପରି
କାହାର ଭଲପାଇବାରେ
ବିଶ୍ୱାସ ବା ଭରସାରେ ନଥିଲେ ବି
କାହାର ଅବିଶ୍ୱାସରେ
ସାମିଲ ନଥିଲା ସେ
ଯେଣୁ ମହାଯୋଗୀ ସେ
ସେ ନିର୍ବିକାର,ନିର୍ଲିପ୍ତ
ସେ ସତ୍ୟ,ଶିବ, ସୁନ୍ଦର... !!!

ନୂଆପଡା , କଟକ

## ହେ ଈଶ୍ୱର ! ତୁମେ ମହାନ

*କବିରତ୍ନ ନୂତନ କୁମାର ବେହେରା*



ହେ ଈଶ୍ୱର ! ତୁମେ ମହାନ
ଦେଇଛ ଏ ସୁନ୍ଦର ସୁଖକର ଜୀବନ
ହେବାକୁ ନମ୍ର ଶାନ୍ତ ସରଳ ହୃଦୟବାନ
ମସ୍ତିଷ୍କରେ ଦେଇଛ ବୁଦ୍ଧି ବିବେକ ଜ୍ଞାନ
କରିବାକୁ ସମସ୍ୟାର ସମାଧାନ
ତଥାପି ମନକୁ ଆସେ ମୋର ଅଭିମାନ
ଇଚ୍ଛା ହୁଏ ତୁମକୁ ପଚାରିବାକୁ ପ୍ରଶ୍ନ
ପୁଣି ପରବର୍ତ୍ତୀ ମୁହୂର୍ତ୍ତରେ
ହୁଏ ସଚେତନ
ଦେଖେ ଯା' ହୁଏ ମୁଁ ତା'ର ସମ୍ମୁଖୀନ
ତା' ଭିତରେ ତୁମେ ହିଁ ତ ବିଦ୍ୟମାନ
ସତ୍ୟ ଧର୍ମ ପାଇଁ ହୋଇଛ ପ୍ରସନ୍ନ
ହେ ଈଶ୍ୱର ! ତୁମେ ମହାନ
ସୃଷ୍ଟି କରିଛ ଅଖଣ୍ଡ ମଣ୍ଡଳରେ ତ୍ରିଭୁବନ
ତା' ମଧ୍ୟେ ରଖିଛ
ପ୍ରକୃତିକୁ କରି ତେଜିୟାନ
ଇଚ୍ଛା ହୁଏ ମାଗିବାକୁ ବହୁତ
ଧନ ମାନ
କିନ୍ତୁ କରେ ଯେବେ
ସୂକ୍ଷ୍ମରେ ସବୁ ଅନୁଧ୍ୟାନ
ଦେଖେ ଯେତେ ଯା' ତୁମରି ବରଦାନ
ବଞ୍ଚାଇବାକୁ ଏ ଜୀବନ
ସୃଷ୍ଟି କରିଛ ପବନ
ଦେଇଛ ଜଳ କରିବାକୁ ତୃଷା ନିବାରଣ
ବୃକ୍ଷଲତାରେ କରାଅ ଫୁଲ ଫଳ ଧାରଣ
ଖାଇଲେ କ୍ଷୁଧା ଜ୍ୱାଳା ହୁଏ ଅନ୍ତର୍ଦ୍ଧାନ
ଆଉ ମାଗିଥାନ୍ତି ଅବା କଅଣ
ହେ ଈଶ୍ୱର ! ତୁମେ ମହାନ
ମନୁଷ୍ୟ ହୃଦୟେ ଦେଇଛ ଦିବ୍ୟଜ୍ଞାନ
ବିନିଯୋଗେ ତାର କରେ ଉପାର୍ଜନ
ଇଚ୍ଛା ହୁଏ ଯା' କରେ
ସେ ତାହା ପୂରଣ
ସତ୍କର୍ମ ହିଁ ଜୀବନର ଅବଲମ୍ବନ
ଅଜ୍ଞାନତା ବଶତଃ କଲେ ପ୍ରତ୍ୟାଖ୍ୟାନ
ଆସେ ବାଧା ବିଘ୍ନ ହୁଏ ଅବସାନ
ଲୋଭ ମୋହର କାମନା କରେ ଅଜ୍ଞାନ
ସବୁ ଥାଇ ଶୋକ
ଭୋଗେ ହୁଏ ହୀନିମାନ
ପ୍ରତି ସ୍ପନ୍ଦନରେ କର୍ମ
କରିବାକୁ ଦିଅ ଆହ୍ୱାନ
ତୁମେ ହିଁ କରାଅ ସତ୍ୟର ଅନୁସନ୍ଧାନ
ହେ ଈଶ୍ୱର ! ତୁମେ ମହାନ... ।

ବାରିପଦା, ମୟୂରଭଞ୍ଜ
ମୋ.ନଂ. ୮୦୧୮୩୫୩୩୨୨

## ପ୍ରଣୟ ଗୀତା

*ନିରଞ୍ଜନ ସାହୁ*



ଅନେକ ଦିନର ଭାବ ତୋ ସାଥିରେ
ଅନେକ ଦିନର ପ୍ରୀତି
କେମିତି କହୁନୁ ସବୁକିଛି ଭୁଲି
କରିବି ସମ୍ପର୍କ ଇତି ।

ପଛକୁ ଚାହିଁଲେ ଆଖି ପାଏନାହିଁ
ବର୍ତ୍ତମାନ ନିବିଡତା
ପୂର୍ଣ୍ଣଛେଦ ଟାଣି ପାରିବି କେମିତି
ଭରିଯିବ ନୀରବତା
କେମିତି ପାଶୋରି ଦେବି ଜୀବନର
ଯେତିକି ପ୍ରଣୟ ଗୀତି ।

ମରିବା ସହଜ ବଞ୍ଚିବା କଠିନ
ଏ ଅଲୋଡା ଜୀବନରେ
ତଥାପି ଜୀବନ ଜୀଇଁଛି ମୁଁ ଏଠି
ବଞ୍ଚିବାର ବାହାନାରେ
ସଭିଏଁ ତ ଦୂର ତୁ ଏକା ନିଜର
ଭଲ ପାଉଥିବି ନିତି ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

## ଗୀତ ମୁଁ ଗାଉଛି, ନା ଗୀତ ମୋତେ ଗାଉଛି

*ଡୁଇଟ ଡେଭିଡ ଫୀଲିପ*



ଗୀତ ମୁଁ ଗାଉଛି ନା ଗୀତ
ମୋତେ ଗାଉଛି,
ପାଠ ମୁଁ ପଢୁଛି ନା ପାଠ
ମୋତେ ପଢୁଛି,
କାମ ମୁଁ କରୁଛି ନା କାମ
ମୋତେ କରୁଛି,
ସ୍ୱାଧୀନତା ମୋର କେଉଁଠି ?

ବିହଙ୍ଗ ପଶୁ ପରି ମୁଁ ବିତ ଜିବଧାରି,
ଉଦାହରଣ ତାଙ୍କ ମୁଁ ଦେଉଛି,
ତାଙ୍କ ପାଇ ଉଦାହରଣ ମୁଁ କି ?

ଯଦି ହୋଇଛି,
ଜଙ୍ଗଲ କାଟି,
ଖଣି ଖୋଳି,
ଡେମ ବାନ୍ଧି,
ଲାଇଟ୍ ଜଳାଇ,
ରାତିକୁ ଦିନ, ଦିନକୁ ରାତି କରି,
ବକ୍ରକୁ ସିଧା କରି, ସିଧାକୁ ବକ୍ର କରି,
ସମତଳକୁ ପାହାଡ କରି,
ପାହାଡକୁ ଖାଲ କରି,
ସ୍ୱାଧୀନତା ତାଙ୍କ ଟାଣି, ଛଡ଼ାଇ,

ଗୀତ ମୁଁ ଗାଉଛି, ନା ଗୀତ
ମୋତେ ଗାଉଛି,
ପାଠ ମୁଁ ପଢୁଛି, ନା ପାଠ
ମୋତେ ପଢୁଛି,
କାମ ମୁଁ କରୁଛି, ନା କାମ
ମୋତେ କରୁଛି,
ସ୍ୱାଧୀନତା ମୋର କେଉଁଠି ?

ପ୍ରକୃତିରୁ ତୋଳି ଖାଇ ପାରୁନି,
ଯିଏ ଖାଇଛି ତାକୁ ମୁଁ ପଶୁ, ପକ୍ଷୀ,
ସରୀସୃପ ନାଁ ଦେଇଛି,
ନିଜେ ସ୍ୱାଧୀନତାତ ହାରିଛି,
ଅନ୍ୟକୁ ପରାଧୀନ ରଖିବାରେ
ମୁଁ ଲାଗିଛି।

ବାପୁ, ମଣ୍ଡେଲା, ମାର୍ଟିନ,
ରୁଶୋ, ଇତ୍ୟାଦି,
ସର୍ବୋଦୟ ନା ବର୍ବର କହିବ କି ?
ରୋଟି, କପଡା, ଛାତ ପାଇଁ ମୁଁ ଯେଉଁ
ବାଟ ଖୋଜିଲି,
ବାଟତ ସରୁନି, ପଚାରୁଛି !
ଗୀତ ମୁଁ ଗାଉଛି ନା ଗୀତ ମୋତେ
ଗାଉଛି ?

ଚାଇବାସା, ଝାଡ଼ଖଣ୍ଡ,




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ ? ରାମଙ୍କୁ ଆମେ କାହିଁକି ମାନିବୁ ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା ? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି ? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିଓ୍ୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ□ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ




ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଳାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ଓ୍ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ□ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ□ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ□ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ୟୁକ ଗାଡ଼ିଆ ଅ□ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଲବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପଦ୍ମପୁର ଉପନିର୍ବାଚନ ଫଳାଫଳର ସମୀକ୍ଷା ଅତିଶୀଘ୍ର କରାଯିବ:କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ଗତ ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ନିଜର ସମସ୍ତ ଶକ୍ତି ଲଗାଇ ଲଢ଼ିଥିଲା। ପଦ୍ମପୁରବାସୀଙ୍କ ରାୟକୁ କଂଗ୍ରେସ ବିନମ୍ରତା ସହିତ ଗ୍ରହଣ କରିଛି। ୨୦୧୯ ମସିହା ଠାରୁ ଯେତେଗୁଡ଼ିଏ ଉପନିର୍ବାଚନ ହୋଇଛି ତିର୍ତୋଲ ଏବଂ ବ୍ରଜରାଜନଗରକୁ ଛାଡ଼ି ଅନ୍ୟ କୌଣସି ଉପନିର୍ବାଚନର ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି ବୋଲି ପ୍ରଦେଶ କଂଗ୍ରେସ ସଭାପତି ସ୍ୱୀକାର କରିଛନ୍ତି। କଂଗ୍ରେସ ଏକ ବିଶାଳ ଦଳ ବହୁ ଘାତ ପ୍ରତିଘାତ ଏବଂ ଉପର ତଳ ଦେଇ ଗତିକରିଛି। କିନ୍ତୁ କଂଗ୍ରେସ ଦଳ ଏବଂ କଂଗ୍ରେସ ଦଳର କର୍ମୀ, ନେତୃବୃନ୍ଦମାନେ ଏଥିପ୍ରତି ଆଦୌ ଭୟଭିତ ନୁହଁନ୍ତି ବା ବିଶ୍ୱାସ ହରାଇନାହାନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ ଭବନରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ ଗଣମାଧମକୁ କହିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଶ୍ରୀଯୁକ୍ତ ଜୟଦେବା ଜେନା, ପ୍ରସାଦ ହରିଚନ୍ଦନ ଏବଂ କଂଗ୍ରେସ ଦଳର ବିଧାୟକ ଦଳ ନେତା ଶ୍ରୀଯୁକ୍ତ ନରସିଂହ ମିଶ୍ର ଏବଂ କଂଗ୍ରେସ ଦଳର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ବର୍ତମାନର ସାଂସଦ, ପୂର୍ବତନ ସାଂସଦ ଏବଂ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, କୃଷକ ସେଲ, ଏସ୍‌ସି, ଏସ୍‌ଟି ସେଲ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକୋଷ୍ଠ, ବିଭାଗ, ଛାମୁଆ ସଂଗଠନ ତଥା ଜିଲ୍ଲା ସଭାପତି ଏବଂ ଜିଲ୍ଲାର ସମସ୍ତ ନେତୃବର୍ଗଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ଦିନରେ କଂଗ୍ରେସ ସମସ୍ତ ନେତୃବର୍ଗଙ୍କୁ ଏକଜୁଟ କରି ଓ ମତାମତ ନେଇ ୨୦୨୪ ସାଧାରଣ ନିର୍ବାଚନକୁ ଓହ୍ଲାଇବ ତତ୍‌ସହିତ ପ୍ରଦେଶ କଂଗ୍ରେସ ସଭାପତି ଯେଉଁ ୯ରୁ ୯୦ ଡାକରା ଦେଇଛନ୍ତି ତାହାକୁ ସାକାର କରିବାପାଇଁ ସମସ୍ତ ନେତୃବର୍ଗ ପ୍ରତ୍ୟେକ ସ୍ତରରେ ଅକ୍ଲାନ୍ତ ପରିଶ୍ରମ କରିବା ସହିତ ଓଡ଼ିଶାର ଜନତାରଙ୍କର ବିଶ୍ୱାସଭାଜନ ହେବେ। ଶ୍ରୀ ଦାସ ଅତ୍ୟନ୍ତ କ୍ଷୋଭର ସହିତ କହିଲେ ଯେଉଁମାନେ କଂଗ୍ରେସ ଭୋଟବିକ୍ରି କଥା କହୁଛନ୍ତି ସେମାନେ ବାସ୍ତବରେ କଂଗ୍ରେସ ଦଳର ଜିନ ସହିତ ପରିଚିତ ନୁହଁ। କଂଗ୍ରେସ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିଶ୍ୱାସ କରେ। କଂଗ୍ରେସ ଦଳ ମୁଲଚାଲ କୁ ବିଶ୍ୱାସ କରେ ନାହିଁ। ଯେଉଁମାନେ ଗଣମାଧମରେ ଏକଥା କହୁଛନ୍ତି ସେମାନେ କଂଗ୍ରେସ ଦଳକୁ ଅପଦସ୍ତ କରିବାପାଇଁ ଚାହୁଁଛନ୍ତି। କୌଣସି ଦଳୀୟ ସମସ୍ୟାକୁ ଦଳର ଶୃଙ୍ଖଳା ଭିତରେ ଉତ୍‌ଥାପନ କରାଯିବା ଉଚିତ ଏବଂ ତାହା ଦଳ ଭିତରେ ତାର ଆଲୋଚନା ହେବା ଉଚିତ କିନ୍ତୁ ଦଳ ବାହାରେ ଏକଥାକୁ ଆଲୋଚନା କରାଯିବା ଦ୍ୱାରା କଂଗ୍ରେସ ଦଳକୁ ଭଲ ପାଉଥିବା ଅସଂଖ୍ୟ ଭୋଟର ଭାଇ ଭଉଣୀ, ନେତୃବର୍ଗ, କର୍ମୀଙ୍କୁ ହତୋତ୍ସାହିତ କରାଯାଉଛି। ଶୃଙ୍ଖଳା ଦଳର ପ୍ରଗତିର ପ୍ରଥମ ମାପକାଠି। ଉପନିର୍ବାଚନ ଫଳାଫଳ ସାଧାରଣ ନିର୍ବାଚନ ଉପରେ କୌଣସି ପ୍ରଭାବ ପକାଇ ନଥାଏ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ସାରା ଭାରତ ବର୍ଷରେ ଅତ୍ୟନ୍ତ ସଫଳତାର ସହିତ ଆଗେଇ ଚାଲିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବର୍ଷରେ ଏକ ନୂଆ ରାଜନୈତିକ ସମିକରଣ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଅଛି। ଭାରତ ଯୋଡ଼ ଯାତ୍ରାର ସୁଫଳ ସାରା ଭାରତବର୍ଷର ଭୋଟର ଭାଇଭଉଣୀମାନଙ୍କ ଉପରେ ପ୍ରଭାବ ପକାଉଛି। ତାହାର ସୁଫଳ ମଧ ଓଡ଼ିଶାରେ ଯଥେଷ୍ଟ ପ୍ରଭାବ ପକାଇବ। କଂଗ୍ରେସ ଦଳ ଓଡ଼ିଶାର ଜନସାଧାରଣଙ୍କର ବିଶ୍ୱାସ ଭାଜନ ନିଶ୍ଚୟ ହେବ। ୨୦୨୪ ରେ ଆମେ ନିଶ୍ଚତରୂପେ ଓଡିଶାର ଜନସାଧାରଣଙ୍କର ସେବା କରିବାକୁ ସୁଯୋଗ ନିଶ୍ଚିତ ପାଇବୁ। ଏଥିପାଇଁ ଆମସମସ୍ତଙ୍କୁ ଏକମନ ଏକପ୍ରାଣ ହୋଇ କାମକରିବାକୁ ପଡ଼ିବ ବୋଲି ପ୍ରଦେଶ କଂଗ୍ରେସ ସଭାପତିଙ୍କ ଉକ୍ତିକୁ ଆଉଥରେ ଶ୍ରୀ ଦାସ ଦୋହରାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରନ ଦାଶ, ଶ୍ରୀ ରଜନୀ ମହାନ୍ତି, ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବ୍ଣ୍ଟନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କୁମ୍ଭିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ବୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।

# କନ୍ଧମାଳ ଜିଲ୍ଲାରେ ଗାଈଗୋରୁ ମାନଙ୍କର ଲମ୍ପି ସ୍କିନ୍ ରୋଗର ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,(ପି.ଏନ): ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳଙ୍କ ସୂତ୍ରରୁ ପ୍ରକାଶ ଯେ, ଆମ ଜିଲ୍ଲାର ପଡ଼ୋଶୀ ଜିଲ୍ଲା ମାନଙ୍କରେ ଏବେ ଗାଈଗୋରୁଙ୍କଠାରେ ଲମ୍ପି ସ୍କିନ୍ ଡିଜିଜ୍ ବା ଚର୍ମବିଣ୍ଡି ରୋଗ ଦେଖାଦେଉଛି। ଏହା ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ୍ ଦ୍ୱାରା ବ୍ୟାପିଥାଏ। ମଶା, ଡାଆଁଶ ଓ ଟିଙ୍କମାନେ ଏହି ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଘାଦ', ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପଶୁର ଶରୀରରୁ ଅନ୍ୟ ପଶୁର ଶରୀରକୁ ସଂକ୍ରମିତ ହୋଇଥାଏ। ଏହି ରୋଗ ହେଲେ ଗାଈଗୋରୁଙ୍କ ମୁଣ୍ଡ, ବେକ, ଗୋଡ଼ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି ଦ' ଫୁଲା ଦ' ଦେଖାଯାଏ। ଆବୁ ଗୁଡ଼ିକ ଗୋଲାକାର, ଦେଖିବାକୁ କଳା ରଙ୍ଗର ଓ ଛୁଇଁଲେ ଟାଣ ଲାଗିଥାଏ। ଛୋଟ ଆକୃତିର ଆବୁଗୁଡ଼ିକ ଆପେ ମିଳେଇଯାଏ କିନ୍ତୁ ଅପେକ୍ଷାକୃତ ବଡ଼ ଆବୁଗୁଡ଼ିକ ଗାଈଗୋରୁଙ୍କ ଶରୀରରେ କିଛି ମାସ ପର୍ଯ୍ୟନ୍ତ ରହିଥାଏ। ଆକ୍ରନ୍ତ ଗାଈଗୋରୁଙ୍କ ଶରୀରରେ ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡ଼ନ୍ତି ଓ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି।

# ପରିବର୍ତ୍ତିତ ମାନସିକତା ମାନସିକ ଯନ୍ତ୍ରଣାର ମହୌଷଧି



ଅନସୂୟା ମହାପାତ୍ର

ମଣିଷ ସୃଷ୍ଟିର ସର୍ବଶ୍ରେଷ୍ଠ ରଚ୍‌ନା।ତାର ସୃଷ୍ଟି ଯେପରି ବିସ୍ମୟ, ତାର ଜୀବନର ପ୍ରବାହ ମଧ ସ୍ୱତନ୍ତ୍ର ଓ ଜଟିଳତା ରେ ପରିପୂର୍ଣ୍ଣ। ମଣିଷର ଶରୀର ଏକ ବିରାଟ ସାଧନ।ଏହି ସାଧନର ଉପଯୁକ୍ତ ବିନିଯୋଗ ହିଁ ବିଶ୍ୱଉଦ୍ୟାନରେ ଜ୍ଞାନ କର୍ମ ଭକ୍ତି ମୁକ୍ତି ର ସୌରଭ ବିଛୁରିତ ହେବ।କୁହାଯାଏ-ଶରୀରମାଦ୍ୟ ଖଲୁ ଧର୍ମ ସାଧନମ୍।କୌଣସି ଚ୍ହାରା ର ସିନା ଯନ୍ କରଣୀୟ, କିନ୍ତୁ ଦ୍ରୁମ ରେ ବିଶାଳକାୟ ହାତୀ କୁ ସମ୍ଭାଳିବାର କ୍ଷମତା ଦୃଶ୍ୟମାନ।ସଭିଏଁ ଶରୀରର ସୁସ୍ଥତା କୁ ଧାନ ଦିଅନ୍ତି।ମାତ୍ର ମାନସିକ ସ୍ତରରେ ଏକ ସାବଲୀଳ ସ୍ଥିରତା ,ଦୃଢତା ଓ ସୁସ୍ଥତା ହିଁ ଏକ ଦୃଢ ବ୍ୟକ୍ତିର ପରିଚ୍ୟ ପ୍ରଦାନ କରେ।ଶରୀର, ମନ ଓ ଆତ୍ମାର ସମ୍ୟକ ସମ୍ମିଳନ ବ୍ୟକ୍ତିର ପୂର୍ଣ୍ଣ ସୁସ୍ଥତା କୁ ବୁଝାଏ।

ଜାତିସଂଘ ପକ୍ଷରୁ ଅକ୍ଟୋବର୧୦ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାବେ ପାଳିତ। ବିଶ୍ୱରେ ବର୍ଷ କୁ ବର୍ଷ ପରିବର୍ଦ୍ଧିତ ମାନସିକ ରୋଗୀ ଏବଂ ଆତ୍ମହତ୍ୟା କୁ ରୋକିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। "The World Federation for mental Health ' ବାଡରଗଣୀ ର ଏହି କାର୍ଯ୍ୟ କୁ World Psychiatric Associations ବା WPA ର ଦୃଢ଼ ସହଯୋଗ ଓ ସମର୍ଥନ ରହିଛି। ଏବର୍ଷ ୨୦୨୨ ର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ର ବାର୍ତ୍ତା ରହିଛି, Make mental Health & well- being for All a global priority। ମାନସିକ ସ୍ୱାସ୍ଥ୍ୟ କହିଲେ ବ୍ୟକ୍ତିର ଭାବଗତ( imotional),ମନୋବୈଜ୍ଞାନିକ (Psychological)ଓସାମାଜିକ (Social) ସ୍ଥିତି ସହ ସମ୍ପୃକ୍ତ ଜୀବନର ସୁସ୍ଥ ଅବସ୍ଥା।ବ୍ୟକ୍ତିର ବାଲ୍ୟ, କୈଶୋର, ଯୌବନ, ବାର୍ଦ୍ଧକ୍ୟ ସହ ଜଡିତ ନିଜର ବିଖଣ୍ଡିତ ମାନସିକତା, ଅବସାଦ, ଚ୍ହିନ୍ତା, ଦୁଃଖ ଶରୀର ର ଜୈବିକ ସ୍ତରରେ ହରମୋନ ଜନିତ ଅସନ୍ତୁଳନ ଏବଂ ଆନୁବଂଶୀକ ପ୍ରଭାବ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ କୁ କ୍ଷୁର୍ଣ୍ଣ କରେ।ମନୋବୈଜ୍ଞାନିକ ଙ୍କ ମତରେ ମାନସିକ ରୋଗୀ ର କାରଣ ଓ ଲକ୍ଷଣ ବ୍ୟକ୍ତି ବିଶେଷରେ ପୃଥକ ହୋଇଥାଏ।ମାନସିକ ବିକଳାଙ୍ଗ ହୋଇ ବ୍ୟକ୍ତି ଡାଇବେଟିସ, ହୃଦୟ ଜନିତ ରୋଗ ଓ ବ୍ରେନ ଷ୍ଟ୍ରୋକ ଭଳି ଶାରିରୀକ ରୋଗ ରେ ପୀଡିତ ହୁଏ।ବ୍ୟକ୍ତି ସ୍ୱ ଦୈନନ୍ଦିନ କାର୍ଯ୍ୟ ରେ ଅବହେଳା,ଅନିଦ୍ରା, କ୍ରୋଧ ଓ ଅବସାଦ ର ଶୀକାର ହୋଇ ପରିଶେଷରେ ଆତ୍ମହତ୍ୟା ପରି ପନ୍ଥା କୁ ଆପଣେଇ ନିଏ।

ଆଜିକାଲି ର ଜୀବନ ଗୈଡ଼ରେ ଧାବିତ ମନୁଷ୍ୟ ନିକଟରେ ଆତ୍ମୀୟ ସ୍ୱଜନ ଙ୍କୁ ନେଇ ସମୟ କାଟିବାର ସୁଯୋଗ ସମାଜରେ ହ୍ରାସ ପାଉଛି।ଭିଡ ମଧ୍ୟରେ ଏକାକୀ ମଣିଷ ଟିର ଜୀବନରେ କର୍ମ ଓ ଏକଲା ପଣର କଳାବାଦଲ ଛାଇ ଯାଉଛି।ବିଜ୍ଞତା ର ଅଭାବରୁ ସ୍ୱ ଜୀବନର ଘଟଣା-ଦୁର୍ଘଟଣା,ଅତୀତ-ଭବିଷ୍ୟତ ର ଦୋଛକିରେ ବର୍ତ୍ତମାନ କୁ ହତାଦର କରୁଛି।ଅତୀତର ଭୁଲ ଅନୁଶୋଚ୍‌ନା , ଭବିଷ୍ୟତ ଅନିଶ୍ଚିତତା ଓ ଆହ୍ୱାନ କୁ ସାମ୍ନା କରିବାର ଭୟରେ ସେ ଦିଗହରା ହେଉଛି।ପରବର୍ତ୍ତୀ ସମୟରେ ଅତ୍ୟଧିକ ଚ୍ହିନ୍ତା ଓ ଅବସାଦ ଗ୍ରାସ କରୁଛି।ମନୁଷ୍ୟ ର ସମସ୍ତ ଭାବାବେଗ ତଥା କ୍ରିୟାତ୍ମକ ପ୍ରକ୍ରିୟା କୁ ନିୟନ୍ତ୍ରଣ କରୁଥିବା ମସ୍ତିଷ୍କ ର କାର୍ଯ୍ୟ କ୍ଷମତା ହ୍ରାସ ପାଇଥାଇ।ବ୍ୟକ୍ତିର ଗୁଣାତ୍ମକ କ୍ରିୟା ର ବିଲୋପ ଘଟି ସେ ମାନସିକ ରୋଗୀ ଭାବେ ପରିଚ୍ହିତ ହୁଏ।

ବିଶ୍ୱ ରେ ମାନସିକ ସୁସ୍ଥତା ବଜାୟ ରଖି ମାନସିକ ରୋଗର ନିରାକରଣ ତଥା ଆତ୍ମହତ୍ୟା ସଦୃଶ ଭୁଲ ପଦକ୍ଷେପ କବଳିତ ସମାଜକୁ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ପାରିବାରିକ ଭାବେ ସାମୂହିକ ଦାୟିତ୍ୱ ରହିଛି।ବ୍ୟକ୍ତି ମଧ୍ୟରେ ଉତ୍ତମ ସକାରାତ୍ମକ ଭାବନା ତାର ସୁରକ୍ଷା କବଚ୍। 'ତୁମେ କଣ ଖାଉଛ 'ନୁହେଁ ବରଂ 'ତୁମକୁ କିଏ ଖାଉଛି'ଏତାଦୃଶ ଜ୍ଞାନ ବ୍ୟକ୍ତିର ରହିବା ଜରୁରୀ। ଜୀବନରେଆଶା, ଉତ୍ସାହର ସଂଚ୍ହାର କରି ନୂତନ ଜୀବନ ଦୃଷ୍ଟି ଜରୁରୀ।ଜୀବନର ଉତ୍ଥାନ- ପତନର ହିସାବ କିତାବ ନ କରି ଏକ ସଚ୍‌ଚ୍ହା ଖେଳାଳୀ ର ମନୋବୃତ୍ତି ରେ ହାର ଜିତ ପ୍ରତି ସମଭାବାପନ୍ନ ହେବା ଶ୍ରେୟସ୍କର। ଜୀବନର ଆହ୍ୱାନ କୁ ଗ୍ରହଣ କରି ପଳାୟନପନ୍ଥୀ ନ ହୋଇ ଆଗତ ଅଗ୍ନୀପରୀକ୍ଷା ର ସମ୍ମୁଖୀନ ହେବା ଉଚ୍‌ଚିତ।' କର୍ମଣ୍ୟେବାଧିକାରସ୍ତେ ମାଫଳେଷୁ'-ଗୀତାର ଏହି ବାଣୀ ଗ୍ରହଣୀୟ।ଜୀବନକୁ ଗମ୍ଭୀର ଭାବେ ନ ନେଇ ସହଜ ଓ ସରଳଭାବେ ସର୍ବଦା ନେବା ଉଚ୍ହିତ।ନିଜର ଖାଦ୍ୟ, ପାନୀୟ ପ୍ରତି ସଯନ୍ ଦୃଷ୍ଟି ,ନକରାତ୍ମକ ଭାବନା ର ଅନୁପ୍ରବେଶ ପୂର୍ବକ ମସ୍ତିଷ୍କକୁ ଅଯଥା ଭାରାକ୍ରାନ୍ତ ନ କରିବା ବିଧେୟ। ନିଜ କର୍ମ ଓ ବ୍ୟକ୍ତିତ୍ୱ କୁ ସମ୍ମାନ ଦେବା ନିହାତି ଆବଶ୍ୟକ। ଧାନ କହିଲେ ଅତୀତ ଓ ଭବିଷ୍ୟତ ରୁ ମୁକ୍ତ ହୋଇ ବର୍ତ୍ତମାନ ରେ ଅବସ୍ଥାନ। ତେଣୁ ସଂଘର୍ଷ ଓ ସମସ୍ୟା ରୂପ ପ୍ରତିକୂଳ ପରିସ୍ଥିତିରେ ନିଜର ପ୍ରକାଶ ଓ ବିକାଶ ମନ୍ତ୍ରରେ ଅଭିମନ୍ତ୍ରିତ ହେବା ଉଚ୍‌ଚିତ। ନିଜରଅମୂଲ୍ୟ ଜୀବନ ତଥା ସମାଜର ଅନ୍ୟମାନଙ୍କର ଅମୂଲ୍ୟ ଜୀବନ ପ୍ରତି ଜାଗ୍ରତ ରହିବା ନିଶ୍ଚିତ ଦାୟିତ୍ୱ ବଦ୍ଧତାର ପରିଚ୍ହୟ ଦେବ ଏବଂ ମୂଲ୍ୟବାନ ବ୍ୟକ୍ତିଜୀବନ ର ସୁରକ୍ଷାରେ ବ୍ରତ କୁ ଧାରଣ କରିହେବା।ସ୍ନେହ, ପ୍ରେମ, ଆତ୍ମୀୟତାର ଦୃଢ଼ରଜ୍ଜୁ ରେ ମଣିଷ କୁ ଆଦରି ନେଲେ ମାନସିକ ରୋଗ ସଦୃଶ ବିଷ ପ୍ରକ୍ରିୟା ରୁ ବିଶ୍ୱକୁ ରକ୍ଷା କରି ହେବ।Covid-୧୯ ଓ ୟୁକ୍ରେନ ଯୁଦ୍ଧ ର ଘନଘଟା ରେ ଜଡିତ ଆଜିର ଏହି ବିଶ୍ୱ ମାନବ ପାଇଁ ମାନସିକ ସ୍ୱାସ୍ଥ୍ୟ ନିର୍ମାଣ ଓ ଉତ୍ତମ ମଣିଷ ହେବାର ଅଭିଯାନ ରେ ସାମିଲ ହୋଇ ଆମର ଉଦ୍ୟମ କୁ ପୁନଃ ଉଜ୍ଜିବିତ କରିବାର ସୁଯୋଗକୁ ଅଙ୍ଗୀକାର କଲେ ବିଶ୍ୱ ଏକ ଆସନ୍ନ ବିପଦରୁ ମୁକୁଳି ପାରନ୍ତା ଏଥିରେ ସନ୍ଦେହ ନାହିଁ।

ଯାଜପୁର
ଦୂରଭାଷା -୮୭୬୩୩୯୭୧୯୯

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଗ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସମ୍ପର୍କ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଷୃ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

# ଖେଳ




Bhubaneswar Sunday December 11, 2022 ଭୁବନେଶ୍ୱର ରବିବାର, ଡିସେମ୍ବର ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦୁଇ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବନ୍ଦରର କ୍ରୀଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ,ଭଲିବଲ ଉପଦେଷ୍ଟା ସଂଜୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିର ପରିଚାଳନା ସମିତିର ସଂପାଦକ ଡା.ଦେବଦତ ସାମ'ରାୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସହ ପ୍ରଧାନ ଆଚାର୍ଯ୍ୟା ମମତା କର। ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆଚାର୍ଯ୍ୟ ତାପସ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାମନ୍ଦିରର ଆଚାର୍ଯ୍ୟ,ଆଚାର୍ଯ୍ୟା ଏହି ଦୁଇ ଦିନିଆ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ମାଆ ଶ୍ୟାମାକାଳୀ ଓ ବାବା ଧବଳେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ପାରାଦୀପ,(ପି.ଏନ): ପାରାଦୀପର ଉଦୟବଟ ଧାମ ନିକଟରେ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମାଆ ଶ୍ୟାମାକାଳୀ, ମାଆ ଆଦିଲକ୍ଷ୍ମୀ, ବାବା ଧବଳେଶ୍ୱର ଓ ହନୁମାନଙ୍କ ନ୍ୟତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ୫ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆହୋଜିତ ହୋଇଥିଲା । ପ୍ରତ୍ୟହ ସଂନ୍ଧ୍ୟାରେ ଭଜନ,ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦୟବଟର ପାରିଷଦ କେଦାରନାଥ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଭାସ୍କର ସାହୁ,ଦୁଃଶାସନ ବାରିକ, ଗଗନ ବିହାରୀ ସାହୁ,ପ୍ରେମାନନ୍ଦ ପରିଡା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

## ପାରାଦୀପ ମହାବିଦ୍ୟାଳୟରେ ଲିଙ୍ଗଗତ ସମ୍ବେଦନଶୀଳତା ଶିବିର



ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟରେ ଶନିବାର ଦିନ ଲିଙ୍ଗଗତ ସମ୍ବେଦନଶୀଳତା ଶିବିର ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ମହିଳା ଶୋଷଣ ଶାଖା ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା । ମହିଳାମାନଙ୍କ ମଧ୍ୟରେ ନାରୀ ସଶକ୍ତିକରଣ ଏବଂ ଲିଙ୍ଗଗତ ସମ୍ବେଦନଶୀଳତା ଉପରେ କେନ୍ଦ୍ରାପଡା ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରବିନ୍ଦ୍ର କୁମାର ବଳ ଶିବିରକୁ ଉଦଘାଟନ କରିଥିଲେ । ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥି ଛାତ୍ରଛାତ୍ରୀମାନଙ୍କୁ ସମାଜରେ ସମାନତା ଭାବନା ରଖି ନିଜର ମନ ଭାବରେ ପରିବର୍ତନ ପାଇଁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏହି ଶିବିରରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ନୟାଗଡ଼ରେ ୩୦.୦ ଡ଼ିଗ୍ରୀ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ନୟାଗଡ଼ରେ ୩୦.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୬.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ପାର୍ବତ୍ୟାଚଂଳରେ ସର୍ବନିମ୍ନ ତାପମାତ୍ରା କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ୬.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୮.୨ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୪.୨ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୨୭.୪ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୩.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି।

## କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାଣିଜ୍ୟ ବିଭାଗ ମୁଖ୍ୟ ଡଃ. ଜ୍ଞାନରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଓ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ଅଧ୍ୟାପିକା ୱାଇ ପଦ୍ମାବତୀ, ଆର୍ଯ୍ୟସ୍ମିତା କର, ଅଧ୍ୟାପକ ବିକାଶ କୁମାର ନାୟକ, ବିଭବ କୁମାର ମହାନ୍ତି, ମନୋଜ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢିବା ପାଇଁ ଓ ନିଜର ଲକ୍ଷ୍ୟକୁ ପୁରଣ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ଉତ୍ସବରେ +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବାଣିଜ୍ୟ ବିଭାଗର +୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଏହି ଉତ୍ସବର ଆୟୋଜନ କରିଥିଲେ। ନବାଗତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏକ ପ୍ରତିଯୋଗୀତା ମାଧ୍ୟମରେ ଦୁଇଜଣଙ୍କୁ ମିଷ୍ଟର ଡେବିଟ ଏବଂ ମିସ କ୍ରେଡିଟ ଭାବେ ବଛାଯାଇଥିଲା। ଅଧ୍ୟାପକ ବିକାଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଶ୍ରମିକ ମାନଙ୍କର ରୋଜଗାର ବୃଦ୍ଧି ପାଇଁ ପ୍ରଶିକ୍ଷଣ ଜରୁରୀ

ଭୁବନେଶ୍ୱର,(ପି.ଏନ): ମହିଳା ଶ୍ରମିକମାନଙ୍କର ରୋଜଗାର ବୃଦ୍ଧି ପାଇଁ ଦକ୍ଷତା ଓ ପ୍ରଶିକ୍ଷଣ ଜରୁରୀ କୃଷି, ନିର୍ମାଣ କ୍ଷେତ୍ରରେ ଆଧୁନିକ ଯନ୍ତ୍ର ଓ ଉନ୍ନତିକରଣ ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ଅଣକୁଶଳୀ ମହିଳା ଶ୍ରମିକମାନଙ୍କର ରୋଜଗାର କମିବ। ସେମାନଙ୍କର ୧୯୯୦ ପୂର୍ବରୁ ରୋଜଗାରରେ ପ୍ରଥମେ ୪୩ ପ୍ରତିଶତ ଭାଗୀଦାର ଥିବାବେଳେ ସଂପ୍ରତି ମହିଳା ମାନଙ୍କର ରୋଜଗାର ଭାଗୀଦାରୀ ୨୭ ପ୍ରତିଶତରେ ପହଂଚିଛି। ଏଣୁ ଆଗାମୀ ୨୦୨୪ ମଧ୍ୟରେ ସମସ୍ତ ମହିଳାମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଧ୍ୟାନ ଦେବା ଆବଶ୍ୟକ। ତା. ୦୯/୧୨/୨୦୨୨ ରିଖରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘ (ବି.ଡବ୍ଲୁ. ଆଇ) ତରଫରୁ ସରକାରୀ ଦକ୍ଷତା ବିକାଶ କରିବାର ସଂଘ, ନେପାଳ, ଫିଲିପିନ୍, କାମ୍ବୋଡ଼ିଆର ପ୍ରତିନିଧି ମାନଙ୍କର ମିଳିତ ବୈଠକରେ ଉଦ୍‌ଘାଟନ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଆଜି ସାରା ପୃଥିବୀରେ ମାନବିକ ଅଧିକାର ଦିବସ ପାଳନ କରାଯାଉଛି। ଶ୍ରମିକଙ୍କ ଅଧିକାର ମଧ ମାନବିକ ଅଧିକାର। ଏଣୁ ଶ୍ରମିକଙ୍କ ଅଧିକାର ଓ ମାନବିକ ଅଧିକାର ପାଇଁ ଏବଂ ଭାରତ ବର୍ଷରେ ଥିବା ୪୮ କୋଟି ଶ୍ରମିକଙ୍କର ରୋଜଗାର, ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷା ପାଇଁ ସମସ୍ତ ଶ୍ରମିକ ସଂଗଠନ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଡଃ ରାମଚନ୍ଦ୍ର ଖୁଂଟିଆ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ତା. ୧୦.୧୨.୨୦୨୨ ରିଖରେ ବିଶ୍ୱରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନରେ ଶ୍ରମିକ ସମସ୍ୟା ବିଶେଷଜ୍ଞ ସଏଦ ସୁଲତାନ ଅହମ୍ମଦ, କୌଶଳ ବିକାଶ ବିଭାଗର ପ୍ରତିନିଧି ଶ୍ରୀମତୀ ସୀତା, ଶ୍ରୀମତୀ ସୀମୋନା ତଲୱାର, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଚନ୍ଦ୍ର ପ୍ରକାଶ ସିଂହ, ସୁବାସ ଭଟନାଟର, ତାମିଲନାଡୁର ପୱନକୁମାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଗୋଟିଏ ବର୍ଷରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ସେନ୍ ଗ୍ଲୋବ୍



ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିଥିବା ସ୍ପେସାଲ୍ ଏଜୁକେସନ୍ ନିଡ୍‌ସ (ଏସ୍‌ଇଏନ୍) ଗ୍ଲୋବ୍‌କୁ ପୂରିଛି ଏକ ବର୍ଷ। ଏହି ଅବସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଏଥିରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ କହିଥିଲେ, ବର୍ଷକ ତଳେ ୭ଜଣ ଛାତ୍ରଛାତ୍ରୀ ଓ ୧୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସ୍କୁଲ୍‌ରେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିଥିଲା। ବର୍ତ୍ତମାନ ସେନ୍ ଗ୍ଲୋବ୍‌ରେ ୮୫ଜଣ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀ ରହିଥିବା ବେଳେ ସେମାନଙ୍କ ପାଇଁ ୩୮ଜଣ ସ୍ପେଶାଲ ଏଜୁକେଟର ଓ ୧୨ ଜଣ ଥେରାପିଷ୍ଟ କାର୍ଯ୍ୟ କରୁଛନ୍ତି। ଏହି ଛାତ୍ରଛାତ୍ରୀମାନେ ସାଧାରଣ ଛାତ୍ରଛାତ୍ରୀଙ୍କ ଭଳି ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରି ଆସୁଥିବା ସେ କହିଛନ୍ତି। ୨୦୨୧-୨୨ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷାରେ ଏମାନଙ୍କ ମଧ୍ୟରୁ ୧୨ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ୍‌ର ଆୟୁଷ ନାୟକ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେ ଦକ୍ଷିଣ ଆଫ୍ରିକାରେ ଉଚ୍ଚତର ଶିକ୍ଷା ପାଇଁ ମନୋନୀତ ହୋଇଛନ୍ତି ବୋଲି ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୀୟ ସୁଆର କହିଛନ୍ତି। ଆୟୁଷଙ୍କ ସଫଳତା ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ପାଲଟିଥିବା ବେଳେ ସେମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛନ୍ତି। ଏଠାରେ ଆନୁଷ୍ଠାନିକ ଶିକ୍ଷା ବ୍ୟତୀତ ବିଭିନ୍ନ ସମୟରେ ସ୍ପେଶାଲ ଟିଚର ଓ ଥେରାପିଷ୍ଟଙ୍କ ପାଇଁ କାପାସିଟି ବିଲ୍‌ଡିଂ ତାଲିମ୍ ପ୍ରଦାନ କରାଯାଇଥାଏ। ଏହା ଛଡ଼ା ଅଟିଜିମ୍ ସ୍ପେକ୍‌ଟ୍ରମ୍ ଡିସ୍‌ଅଡର (ଏଏସ୍‌ଡି) ଏବଂ ଲର୍ଣ୍ଣିଂ ଡିଜାବିଲିଟି (ଏଲ୍‌ଡି) ଆଦି କାର୍ଯ୍ୟକ୍ରମରେ ୧୫ ଦିନିଆ ତାଲିମ୍ ପ୍ରଦାନ କରାଯାଇଥାଏ ବୋଲି ସେନ୍ ଗ୍ଲୋବ୍ ପରାମର୍ଶଦାତା ବୋର୍ଡ ସଦସ୍ୟ ଡ. ପିୟୂଷ ରଥ କହିଛନ୍ତି। ଏହା ଛଡ଼ା ଛାତ୍ରଛାତ୍ରୀମାନଙ୍କୁ ସର୍ଫିଂ, ଯୋଗ, ଗ୍ରିଟିଂ କାର୍ଡ ତିଆରି, ଡେକୋରେଟିଭ୍ ଦୀପ ତିଆରି, ଟି ସାର୍ଟ ପେଣ୍ଟିଂ, ଫଟୋ ଷ୍ଟାଣ୍ଡ, ପେନ୍ ଷ୍ଟାଣ୍ଡ ଏବଂ ପେପର ବ୍ୟାଗ୍ ତିଆରି ଆଦି ବିଭିନ୍ନ ପ୍ରକାର ଲାଇଭ ସ୍କିଲ୍ ତାଲିମ୍ ପ୍ରଦାନ କରାଯାଇଥାଏ ବୋଲି ପରାମର୍ଶଦାତା ବୋର୍ଡ ଅନ୍ୟତମ ସଦସ୍ୟ ଗାର୍ଗୀ ଭଟ୍ଟାଚାର୍ଯ୍ୟ କହିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray